## ମାଛ ମଞ୍ଜି କୋପ୍ତା

***ଆବଶ୍ୟକ ସାମଗ୍ରୀ:*** *ମାଛ ମଞ୍ଜି, ପିଆଜ, ଟମାଟୋ, ଅଦା , ରସୁଣ ବଟା, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ, ହଳଦୀ ଗୁଣ୍ଡ, ରିଫାଇନ୍ ତେଲ, କଟା ଧନିଆପତ୍ର, ଅଳ୍ପ କିଛି ବେସନ, ଗରମ ମସଲା, ସ୍ୱାଦ ଅନୁସାରେ ଲୁଣ ।*

***ପ୍ରସ୍ତୁତି ପ୍ରଣାଳୀ:*** *ମାଛ ମଞ୍ଜିକୁ ଭଲ ଭାବରେ ଧୋଇ ଦିଅନ୍ତୁ। ସେଥିରେ ଲୁଣ, ହଳଦୀ ଗୁଣ୍ଡ, କଟା ଧନିଆପତ୍ର, କଟା ପିଆଜ, କଟା କଂଚାଲଙ୍କା, କଟା ଅଦା, କଟା ରସୁଣ ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାପରେ ବେସନ ପକାଇ ଭଲ ଭାବରେ ଗୋଳାଇ ତେଲରେ ଛାଣି ରଖନ୍ତୁ । ଅନ୍ୟ ଏକ କଡାଇରେ ତେଲ ଗରମ କରି ତେଜପତ୍ର, କଟା ପିଆ।ଜ, କଟା ଟମାଟୋ ପକାଇ ପିଆ।ଜ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ବର୍ତମାନ ଏଥିରେ ରସୁଣ ବଟା, ଅଦାବଟା, ଧନିଆ।ଗୁଣ୍ଡ, ଲଙ୍କାଗୁଣ୍ଡ ଓ ହଳଦୀ ଗୁଣ୍ଡ ପକାଇ ଅଧା କପ ପାଣି ଦେଇ ମସଲାକୁ ଭଲ ଭାବରେ କଷନ୍ତୁ। ମସଲା କଷି ହୋଇଗଲା ପରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ମସଲା ଭଲ ଭାବରେ ଫୁଟିଗଲେ ଧିମି ଆଂଚରେ ରଖି ପୂର୍ବରୁ ଛାଣି ରଖିଥିବା ମାଛ ମଞ୍ଜିକୁ ପକାଇ ଢାଙ୍କୁଣି ଘୋଡାଇ ୫ରୁ ୧୦ ମିନିଟ୍ ରଖନ୍ତୁ। ମାଛ ମଞ୍ଜି କୋପ୍ତା ଭଲ ଭାବରେ ସିଝି ଗଲେ ଢାଙ୍କୁଣି କାଢି ଉପରେ କଟା ଧନିଆ।ପତ୍ର ଓ ଗରମ ମସଲା ଗୁଣ୍ଡ ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମାଛ ମଞ୍ଜି କୋପ୍ତା।*



ଖବର

## ପ୍ରଥମ ଦିନରେ ୫ କୋଟିରୁ ଅଧିକ ଟଙ୍କା ରୋଜଗାର କରିଛି ପରମ ସୁନ୍ଦରୀ

ବର୍ତ୍ତମାନ ସିନେମା ହଲରେ ରିଲିଜ ହୋଇଛି 'ପରମ ସୁନ୍ଦରୀ'ଫିଲ୍ମ । ସିଦ୍ଧାର୍ଥ ମଲହୋତ୍ରା ଏବଂ ଜାହ୍ନବୀ କପୁରଙ୍କ ଏହି ଫିଲ୍ମର ପ୍ରଥମ ଦିନରେ ବକ୍ସ ଅଫିସରେ ଭଲ ଇନକମ୍ ସହିତ ଆରମ୍ଭ କରିଛି । ଅଗଷ୍ଟ ୨୯ ତାରିଖରେ ରିଲିଜ ହୋଇଥିବା ଏହି ରୋମାଣ୍ଟିକ୍ କମେଡିକୁ ନେଇ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ହୋଇଥିଲା । ସେୟାରାର ବଡ଼ ସଫଳତା ପରେ ପରମ ସୁନ୍ଦରୀ ରେକର୍ଡ କରିବ ବୋଲି ଅନୁମାନ କରାଯାଉଛି । ବ□ମାନ ଏହି ଫିଲ୍ମର ପ୍ରଥମ ଦିନର କଲେକ୍ସନ ସାମ୍ନାକୁ ଆସିଛି ।ପରମ ସୁନ୍ଦରୀ ପ୍ରଥମ ଦିନରେ ୫ କୋଟିରୁ କିଛି ମାତ୍ରା ଅଧିକ କମାଇଛି । ଶୁକ୍ରବାରରେ ୭.୨୫ କୋଟି ଟଙ୍କା ଏହି ଫିଲ୍ମ କମାଇପାରିଛି । ଯାହା ଅହାନ ପାଣ୍ଡେ ଏବଂ ଅନୀତ ପାଡ୍ଡାଙ୍କ ଦ୍ୱାରା ଅଭିନୀତ 'ସାୟାରା'ର ପ୍ରଥମ ଦିନର କଲେକ୍ସନର ଏକ ଚତୁର୍ଥାଂଶ । ଏହି ଫିଲ୍ମଟି ରିଲିଜର ପ୍ରଥମ ଦିନରେ ୨୧. ୫ ମୋଟ କମାଇଥିଲା । କିନ୍ତୁ ଏହି କଲେକ୍ସନ ସିଦ୍ଧାର୍ଥଙ୍କ ପୂର୍ବ ଫିଲ୍ମ 'ଯୋଧା'ର କଲେକ୍ସନ ଅପେକ୍ଷା ବହୁତ




ଭଲ ରୋଜଗାର କରିଛି । ଯାହା ୪.୧ କୋଟି ରୋଜଗାର କରିଥିଲା । ଫିଲ୍ମଟି ହୁଏତ ପ୍ରଥମ ଦିନରେ ସେତେ ରୋଜଗାର କରିନପାରେ ସତ କିନ୍ତୁ ସପ୍ତାହରେ ଭଲ ରୋଜଗାର କରିବ ବୋଲି କୁହାଯାଉଛି । ପରମ ସୁନ୍ଦରୀ ଫିଲ୍ମଟି ଦିଲ୍ଲୀର ପୁଅ ଏବଂ କେରଳ ଝିଅର ଏକ ପ୍ରେମ କାହାଣୀ ।ଏହି ଫିଲ୍ମରେ ସିଦ୍ଧାର୍ଥ ଏବଂ ଜାହ୍ନବୀଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବା ସହିତ ରାଜୀବ ଖଣ୍ଡେଲୱାଲ ଏବଂ ଆକାଶ ଦହିୟାଙ୍କ ଅଭିନୟର ଝଲକ ମଧ ଦେଖିବାକୁ ମିଳିବ । ଏହି ଫିଲ୍ମର ପରଦେଶିଆ ଗୀତଟି ଫିଲ୍ମ ରିଲିଜ ପୂର୍ବରୁ ଖୁବ୍ ଚର୍ଚ୍ଚାରେ ରହିଛି ।

## କ୍ୟାନସରରୁ ରକ୍ଷା କରିଥାଏ କଞ୍ଚାଲଙ୍କା

କଞ୍ଚାଲଙ୍କା ବିନା ଖାଇବା ଅଧୁରା ରହିଥାଏ । ଘରେ ଯେତେ ପ୍ରକାର ବ୍ୟନ ରୋଷେଇ ହୋଇଥିଲେ ମଧ୍ୟ କଞ୍ଚାଲଙ୍କା ବିନା ଖାଇବାର ସ୍ୱାଦ ନଥାଏ । ଅଧିକାଂଶ ଘରେ ଶୁଖିଲା ଲଙ୍କା ପେଟ ପରିବର୍ତ୍ତେ କଞ୍ଚାଲଙ୍କାକୁ ବାଟି ତରକାରୀ କରିବାକୁ ପସନ୍ଦ କରିଥାନ୍ତି । ଏହାର କାରଣ ଶୁଖିଲା ଲଙ୍କା ପେଟ ପାଇଁ ଖରାପ । କିନ୍ତୁ କଞ୍ଚା ଲଙ୍କାରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ଏଥିରେ ଭିଟାମିନ୍ ଏ, ବି,୬,ଆଇରନ୍, ପୋଟାସିୟମ୍ ପରି ପୋଷକତତ୍ତ୍ୱ ରହିଛି, ଯାହା ହୃଦଘାତ ଓ ପେଟଜନିତ ସମସ୍ୟାକୁ ଦୂର କରିଥାଏ । ତେବେ ଏଥିପାଇଁ ଏହାକୁ ସେମିତି କଞ୍ଚା ଖାଇଲେ ଭଲ । ତା'ହେଲେ ଆସନ୍ତୁ ଜାଣିବା କଞ୍ଚାଲଙ୍କା ଖାଇଲେ କେଉଁସବୁ ସ୍ୱାସ୍ଥ୍ୟ ଲାଭ ମିଳିଥାଏ ।



କଞ୍ଚାଲଙ୍କାରେ ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ରହିଛି । ତେଣୁ ପ୍ରତିଦିନ କଞ୍ଚାଲଙ୍କା ଖାଇଲେ ପ୍ରୋଷ୍ଟେଟ ବା ମୂତ୍ରାଶୟ ଜନିତ ସମସ୍ୟା ହୋଇନଥାଏ ।

ଏଥିରେ ଥିବା ଭିଟାମିନ ସି ଓ ବିଟା-କେରାଟିନ୍ ତତ୍ତ୍ୱ ଆଖି, ତ୍ୱଚା ଓ ଇମ୍ୟୁନୋ ସିଷ୍ଟମକୁ ଠିକ୍ ରଖିଥାଏ ।

କଞ୍ଚାଲଙ୍କା ରକ୍ତରେ ସୁଗାରର ସ୍ତରକୁ ନିୟନ୍ତ୍ରଣ କରିଥାଏ । ସେଥିପାଇଁ ଡାଇବେଟିସ ରୋଗୀ ପ୍ରତ୍ୟେକ ଦିନ କଞ୍ଚାଲଙ୍କା ଖାଇଲେ ଭଲ ।

ଆହୁରି ମଧ୍ୟ କଞ୍ଚାଲଙ୍କାରେ ଫାଇବରର ମାତ୍ରା ଅଧିକ ରହିଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

ଯଦି ଆପଣ ସବୁଦିନ କଞ୍ଚାଲଙ୍କା ଖାଉଛନ୍ତି,ତେବେ ଏଥିରେ ଥିବା ପ୍ରାକୃତିକ ତତ୍ତ୍ୱ ଓ ଆଣ୍ଟି-ଅକ୍ସିଡାଣ୍ଟ ମୁହଁ,ଗଳା,ଫୁସଫୁସ ଓ କୋଲୋନ୍ କ୍ୟାନସରରୁ ରକ୍ଷା କରିଥାଏ ।

## ଘରେ ପ୍ରସ୍ତୁତ କରନ୍ତୁ ଗୁଡୁଚି କାଢ଼ା

ଆୟୁର୍ବେଦ ଅନୁସାରେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ପାଇଁ ଗିଲୋଇ ବା ଗୁଡୁଚି ରସ ସାହାଯ୍ୟ କରିଥାଏ। ମହାମାରୀ କରୋନାରୁ ରକ୍ଷା ପାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ମଧ ଗିଲୋଇ କାଢ଼ା ପିଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛି। ଗୁଡୁଚି କାଢ଼ା ପିଇଲେ ଡେଙ୍ଗୁ, ଚିକେନଗୁନିଆ ଓ ଜ୍ୱର ଆଦି ଭଲ ହୋଇଥାଏ। ତେବେ ବଜାରରେ ମିଳୁଥିବା ଗିଲୋଇ ରସ ନକିଣି ଆପଣ ଚାହିଁଲେ ଗିଲୋଇ ଗଛର ପତ୍ର ଓ ଡାଳ ମିଶାଇ ଘରେ ମଧ ଗିଲୋଇ କାଢ଼ା ପ୍ରସ୍ତୁତ କରିପାରିବେ। ଆସନ୍ତୁ ଜାଣିବା ଗୁଡୁଚି କାଢ଼ା କିପରି ପ୍ରସ୍ତୁତ ହୋଇଥାଏ।

ଗୁଡୁଚି କାଢ଼ା ପାଇଁ ଆବଶ୍ୟକ ସାମଗ୍ରୀ: ଦୁଇ କପ୍ ପାଣି, ଗିଲୋଇ ଡାଳ ବା ପତ୍ରରୁ କିଛି,



୧ ଚାମଚ ହଳଦୀ, ଦୁଇ ଇଞ୍ଚର ଅଦା, ୬ରୁ ୭ଟି ତୁଳସୀ ପତ୍ର ଓ ସ୍ୱାଦ ଅନୁସାରେ ଗୁଡ଼।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦୁଇ କପ୍ ପାଣିକୁ ଅଳ୍ପ ଆଞ୍ଚରେ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗିଲୋଇ, ଅଦା, ହଳଦୀ, ତୁଳସୀ ପତ୍ର ଓ ଗୁଡ଼ ପକାଇ କିଛି ସମୟ ପାଇଁ ଫୁଟାନ୍ତୁ। ପାଣି ଅଧା ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏହାପରେ ଏକ ସଫା କପଡ଼ା ବା ଛଣାରେ ଏହି କାାକୁ ଛାଣି ଦିଅନ୍ତୁ।

ଗୁଡୁଚି କାଢ଼ାରୁ ମିଳୁଥିବା ସ୍ୱାସ୍ଥ୍ୟ ଲାଭ

୧. ଗିଲୋଇ କାଢ଼ା ପିଇଲେ ରୋଗ ପ୍ରତିରୋଧ ଶକ୍ତିର କ୍ଷମତା ବଢ଼ିଥାଏ ଏବଂ ଏଥିରେ ଥିବା ଅଦା ଓ ହଳଦୀ ଶରୀରକୁ ଇନଫେକସନଠାରୁ ରକ୍ଷା କରିଥାଏ।

୨. ଡେଙ୍ଗୁ ହେଲେ ଶରୀରରେ ପ୍ଲେଟ୍ଲେଟ୍ ସଂଖ୍ୟା କମ୍ ହୋଇଥାଏ। ଏହି ସମୟରେ ରୋଗୀଙ୍କୁ ଗିଲୋଇ କାଢ଼ା ଦେଲେ ପ୍ଲେଟ୍ଲେଟ୍ ସଂଖ୍ୟା ବୃଦ୍ଧି ପାଇଥାଏ।

ତେବେ ମନେରଖନ୍ତୁ, ପ୍ରତିଦିନ ଗୋଟିଏ କପରୁ ଅଧିକ ଗୁଡୁଚି କାଢ଼ା ପିଅନ୍ତୁ ନାହିଁ।

## ଗଣେଶ ବିସର୍ଜନର ଶୁଭ ମୁହୂର୍ତ୍ତ



ଭାଦ୍ରବ ମାସ ଚତୁର୍ଥୀ ତିଥିରେ ଗଣେଶ ପ୍ରଭୁଙ୍କ ଆଗମନରେ ଉତ୍ସବ ପାଳନ କରାଯାଏ । ଯେଉଁଭଳି ଭାବେ ଶୁଭ ସମୟରେ ଗଣେଶଙ୍କ ଆଗମନ ହୁଏ ସେହିପରି ଭାବେ ବିସର୍ଜନର ମଧ ସମୟ ରହିଛି । ଯେଉଁସମୟରେ କରିବା ଉଚିତ। ତେବେ ଆଜି ଏହା ସମ୍ପର୍କରେ ଜାଣିବା। ହିନ୍ଦୁ ମାନଙ୍କ ଘରେ ୧୨ ମାସରେ ୧୩ ପର୍ବ । ପ୍ରତି ପୂଜାର ପ୍ରଥମରେ ଗଣେଶଙ୍କୁ ଆବାହନ କରାଯାଇଥାଏ । ତେଣୁ ଗଣେଶଙ୍କୁ ମଙ୍ଗଳକାରୀ ଏବଂ ବିଘ୍ନବିନାଶନ ବୋଲି କୁହାଯାଇଥାଏ । ଗଣେଶ ପୂଜା ବିଦ୍ୟାର୍ଥୀଙ୍କ ପାଇଁ ମୁଖ୍ୟ ଦିନ ହୋଇଥାଏ । ଏହି ପୂଜାକୁ ସମସ୍ତେ ଧୁମଧାମର ସହିତ ପାଳନ କରିଥାନ୍ତି । ଭାଦ୍ରବ ମାସ ଶୁକ୍ଳ ପକ୍ଷରେ ଗଣେଶ ଚତୁର୍ଥୀ ପଡେ । ହିନ୍ଦୁ ଧର୍ମ ଅନୁସାରେ ଗଣେଶ ଉତ୍ସବକୁ ୧୦ ଦିନ ପର୍ଯ୍ୟନ୍ତ ପାଳନ କରାଯାଏ । ଶ୍ରଦ୍ଧା, ନିଷ୍ଠା ଏବଂ ବିଧିର ସହିତ ପୂଜା କରିବା ଦ୍ୱାରା ଶୁଭଫଳ ପ୍ରାପ୍ତ ହେବା ସହିତ ଭଗବାନଙ୍କ କୃପା ମଧ ମିଳିଥାଏ। ଭକ୍ତିରେ ଗଣେଶଙ୍କ ପୂଜା କରିବା ଦ୍ୱାରା ତାଙ୍କ ଆଗମନରେ ସୁଖ ଏବଂ ସମୃଦ୍ଧି ଘରକୁ ଆସିଥାଏ । ଯେମିତି ଗରପତି ବାପ୍ପାଙ୍କ ଆଗମନରେ ଶୁଭ ଆଶୀର୍ବାଦ ମିଳିଥାଏ ସେହିପରି ଭାବେ ବିସର୍ଜନର ମଧ ବିଶେଷ ମହତ୍ତ୍ୱ ରହିଛି । ବାପ୍ପାଙ୍କ ବିସର୍ଜନ କୌଣସି ଶୁଭ ତିଥିରେ କରାଯାଏ ନାହିଁ । କାରଣ ପରବର୍ତ୍ତୀ ସମୟରେ ଶୁଭ ଫଳ ପ୍ରଦାନ କରେ ନାହିଁ । ତେବେ ଆସନ୍ତୁ ଜ୍ୟୋତିଷଙ୍କଠାରୁ ଗଣେଶଙ୍କ ବିସର୍ଜନ ସମ୍ପର୍କରେ ଜାଣିବା ।ଜ୍ୟୋତିଷଙ୍କ ଅନୁସାରେ, ଗଣେଶ ଚତୁର୍ଥୀ ଦିନ ଭଗବାନଙ୍କୁ ଷୋଡ଼ଶୋପଚାର ପଦ୍ଧତିରେ ପୂଜା କରିବା ଉଚିତ । ଯାହା ଫଳରେ ଭଗବାନଙ୍କୁ ପ୍ରସନ୍ତ କରିଥାଏ । ତେଣୁ ସେ ଶୁଭ ଓ ମଙ୍ଗଳ ଆଶୀର୍ବାଦ କରିଥାନ୍ତି । ସେଥିପାଇଁ ଗଣେଶଙ୍କୁ ମଙ୍ଗଳକର୍ତ୍ତା ବୋଲି କୁହାଯାଏ । ଯେଉଁଭଳି ଭାବେ ଗଣେଶଙ୍କ ଆଗମନରେ ରୀତିନୀତିରେ ପୂଜା କରାଯାଏ ସେହିଭଳି ଭାବରେ ସମାନ ରୀତିନୀତିରେ ବିସର୍ଜନ କରାଯିବା ଉଚିତ । ଯାହାର ଏକ ମଧ ଗୁରୁତ୍ୱପୂର୍ଣ୍ଣ ବିଧି ରହିଛି ।ଗଣେଶ ପୂଜା ଚତୁର୍ଥୀ ତିଥିରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପାଳନ କରାଯାଏ । ଯାହା ୧୦ ଦିନ ପର୍ଯ୍ୟନ୍ତ ଚାଲିଥାଏ ।ଅନନ୍ତ ଚତୁର୍ଦ୍ଦଶୀ ଦିନ ଭଗବାନ ଗଣେଶଙ୍କ ବିସର୍ଜନ କରାଯାଏ । ଭକ୍ତ ଚାହିଁଲେ ଏହା ପୂର୍ବରୁ ମଧ ବିସର୍ଜନ କରିପାରିବେ । ଏହା ବ୍ୟତୀତ ପଞ୍ଚମୀ ତିଥି କିମ୍ବା ଅଷ୍ଟମୀ ତିଥିରେ ମଧ ମୂର୍ତ୍ତି ବିସର୍ଜନ କରିପାରିବେ । ବିସର୍ଜନ ପୂର୍ବରୁ ଗଣେଶଙ୍କ ଆରତୀ କରିବା ଜରୁରୀ । ଯାହା ଭଗବାନଙ୍କୁ ପ୍ରସନ୍ତ କରିଥାଏ ।

## ବ୍ରହ୍ମକପାଳ ତୀର୍ଥ

ବଦ୍ରିନାଥ ଧାମ ନିକଟବର୍ତ୍ତୀ ଅଳକାନନ୍ଦା ନଦୀ ତଟରେ ରହିଛି ବ୍ରହ୍ମକପାଳ ତୀର୍ଥ । ଏହି ତୀର୍ଥସ୍ଥଳୀରେ ପିତୃପକ୍ଷ ଅବସରରେ ପିଣ୍ଡଦାନ ନିମନ୍ତେ ଦେଶର କୋଣ-ଅନୁକୋଣରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି । ଏଠାରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ବ୍ରହ୍ମକପାଳ ତୀର୍ଥ ସମ୍ବନ୍ଧରେ ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଏଠାରେ ପିଣ୍ଡ ପାଉଥିବା ପିତୃପୁରୁଷ ମୋକ୍ଷ ତଥା ମୁକ୍ତି ପାଇ ପରମାତ୍ମାଙ୍କ ଠାରେ ବିଲୀନ ହୋଇଯାଇଥାନ୍ତି । ଏଠାରେ ଥରୁଟିଏ ପିଣ୍ଡଦାନ ଏବଂ ତର୍ପଣ କରିବା ପରେ ଅନ୍ୟ ସ୍ଥାନ ପିଣ୍ଡଦାନର ଆବଶ୍ୟକତା ନଥାଏ । ପୁରାଣରେ ଉଲ୍ଲେଖ ରହିଛି ଯେ ଥରେ ବେଦ ନିନ୍ଦା କରୁଥିବା କାରଣରୁ ଦେବ ଦେବ ମହାଦେବ କ୍ରୋଧିତ ହୋଇ ବ୍ରହ୍ମାଙ୍କର ଗୋଟିଏ ମୁଣ୍ଡ କାଟି ଦେଇଥିଲେ। ପୂର୍ବରୁ ବ୍ରହ୍ମାଙ୍କର ୫ଟି ମୁଣ୍ଡ ଥିଲା, ଗୋଟିଏ ମୁଣ୍ଡ କଟିଯିବା ପରେ ୪ଟି ରହିଲା ।ହେଲେ ବ୍ରହ୍ମହତ୍ୟା ଦୋଷ ଲାଗିବାରୁ ଭଗବାନ ଶିବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କର କଟା ମୁଣ୍ଡ ବାହାରିଲା ନାହିଁ ।




ଭଗବାନ ଶିବ ଅନେକ ତୀର୍ଥ ଭ୍ରମଣ କଲେ, ମାତ୍ର ବ୍ରହ୍ମହତ୍ୟା ଦୋଷରୁ ମୁକ୍ତି ପାଇପାରିଲେ ନାହିଁ । ଶେଷରେ ସେ ବ୍ରହ୍ମକପାଳ ତୀର୍ଥ ନିକଟରେ ପହଞ୍ଚିଲେ । ସେଠାରେ ଅଳକାନନ୍ଦା ନଦୀରେ ସ୍ନାନ କରିବା ପରେ ବଦ୍ରିକାଶ୍ରମ ଦିଗରେ ଅଗ୍ରସର ହେଲେ। ଏହି ସମୟରେ ଚମତ୍କାର ଘଟିଲା। ମହାଦେବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କ କଟାମୁଣ୍ଡ ବାହାରିଗଲା। ଫଳରେ ବ୍ରହ୍ମକପାଳ ତୀର୍ଥର ଦିବ୍ୟତ୍ୱ ସିଦ୍ଧ ହୋଇପାରିଲା। ସେବେଠାରୁ ବ୍ରହ୍ମକପାଳ ତୀର୍ଥରେ ପିଣ୍ଡଦାନ କରି ପିତୃପୁରୁଷଙ୍କୁ ସମସ୍ତ ପାପଭାରରୁ ମୁକ୍ତି ଦେବା ଲାଗି ଶ୍ରଦ୍ଧାଳୁମାନେ ଏହି ତୀର୍ଥସ୍ଥାନକୁ ଛୁଟି ଆସିଥାନ୍ତି ।

# ନଗରନକ୍ସା

ମହାନଗରର ନିଜ ଭାଷା

ରବିବାର, ୩୧ ଅଗଷ୍ଟ, ୨୦୨୫


# କିଟ୍ ଓ ଭାରତୀୟ ବାୟୁସେନା ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୩୦।୮ (ମହାଭାରତ): କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବାୟୁସେନା ମଧ୍ୟରେ ଶୁକ୍ରବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ୍ ସିଂହ ଏବଂ ଭାରତୀୟ ବାୟୁସେନା ପକ୍ଷରୁ ଏୟାର ଷ୍ଟାଫ୍ ସହକାରୀ ମୁଖ୍ୟ(ଶିକ୍ଷା) ଏୟାର ଭାଇସ୍ ମାର୍ଶାଲ୍ ହରଜିତ୍ ଏସ୍ ସିଦାନା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣାପତ୍ର ଅନୁଯାୟୀ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତୀୟ ବାୟୁସେନାରେ କାର୍ଯ୍ୟରତ କର୍ମଚାରୀ ଓ ସେମାନଙ୍କର ସନ୍ତାନ ସନ୍ତତି, ବାୟୁସେନାର ଭେଟେରାନ୍ କର୍ମଚାରୀ ଓ ସେମାନଙ୍କ ସନ୍ତାନ ସନ୍ତତିଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ସମସ୍ତ ପ୍ରକାର ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ଫି ରିହାତି ପ୍ରଦାନ କରାଯିବ। ସେହିପରି ବାୟୁସେନାର କୌଣସି କର୍ମଚାରୀ କାର୍ଯ୍ୟରତ ସମୟରେ



ମୃତ୍ୟୁବରଣ କଲେ ସେମାନଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ ଫି ଛାଡ଼ କରାଯିବ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଡ଼ିପ୍ଲୋମା ଓ ଡ଼ିଗ୍ରୀ, ଡ଼ାକ୍ତରୀ, ଡ଼େଣ୍ଟାଲ୍ ଓ ନର୍ସିଂ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ। ଡାକ୍ତରୀ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ନିମନ୍ତେ ସେମାନଙ୍କୁ ନିଟ୍‌ର ସମସ୍ତ ମାନଦଣ୍ଡକୁ ପୂରଣ କରିବାକୁ ପଡ଼ିବ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରକାର ପାଠ୍ୟକ୍ରମ ପାଇଁ କିଟ୍ ପ୍ରବେଶିକା ପରୀକ୍ଷାରେ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ଏହାଛଡ଼ା କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଓ ଭାରତୀୟ ବାୟୁସେନାର ଶିକ୍ଷା ବିଭାଗ ମିଳିତ ଭାବେ ଗବେଷଣା ଓ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବେ। କିଟ୍ ବିଶ୍ୱବିଦ୍ୟାଳୟ ଓ ବାୟୁସେନା ଶିକ୍ଷା ବିଭାଗ ମିଳିତ ଭାବେ ବିଭିନ୍ନ ଗବେଷଣା ପ୍ରକଳ୍ପରେ କାର୍ଯ୍ୟ କରିବା ସହ ବିଭିନ୍ନ ପ୍ରକାର ସ୍ୱଳ୍ପ ଅବଧି ପାଠ୍ୟକ୍ରମ ପ୍ରସ୍ତୁତି, ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଦାନ ଓ କର୍ମଶାଳା ଆଦି ଆୟୋଜନ ଦିଗରେ କାର୍ଯ୍ୟ କରିବେ। ଏହି ବୁଝାମଣାପତ୍ରର କାର୍ଯ୍ୟକାରିତା ତଦାରଖ ପାଇଁ ଏକ ଯୁଗ୍ମ ସଂଯୋଜନା କମିଟିର ବ୍ୟବସ୍ଥା ରହିଛି। ଭାରତୀୟ ବାୟୁସେନା କର୍ମଚାରୀଙ୍କ ପିଲାମାନଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଆର୍ଥିକ ସହଯୋଗ ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସିଂହ କହିଛନ୍ତି। ଏହି ଅବସରରେ ଭାରତୀୟ ବାୟୁସେନାର ଅଧିକାରୀମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ସେମାନେ ଅନ୍ତର୍ଭୁକ୍ତି ଶିକ୍ଷା ଓ ରାଷ୍ଟ୍ର ଗଠନ କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଦୂରଦର୍ଶିତାର ଭୂୟସୀ ପ୍ରଶଂସା କରିଥିଲେ।

## ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୩୦।୮ (ମହାଭାରତ): ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଖୋର୍ଦ୍ଧା ଠାରେ ରାଜଯୋଗିନୀ ଦାଦି ପ୍ରକାଶମଣିଙ୍କ ୧୮ ତମ ପୁଣ୍ୟ ତିଥି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଏହି ଶିବିରକୁ ଉଦଘାଟନ କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଂଜନ ମହାନ୍ତି, ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ଡାକ୍ତର ଅମିୟ ଜେନାମଣି, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ସମ୍ପାଦକ ସୁଧୀର କୁମାର ମାନସିଂହ ଏବଂ ଖୋର୍ଦ୍ଧା ପ୍ରଜାପିତା ବ୍ରହ୍ମାକୁମାରି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜୟକୃଷ୍ଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପୂର୍ବତନ ମୁଖ୍ୟ ପ୍ରଶାସକ ଦାଦୀ ପ୍ରକାଶମଣି ଜୀଙ୍କର ୧୮ ତମ ପୁଣ୍ୟ ତିଥି ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରୀ ଶତପଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ରକ୍ତଦାନକୁ ମହତଦାନ କୁହାଯାଏ କାରଣ ଏହା ଧନୀ ଏବଂ ଗରିବ ସମସ୍ତଙ୍କ ଜୀବନ ରକ୍ଷା କରେ। ମୁଖ୍ୟ ଅତିଥି ଖୋର୍ଦ୍ଧା ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ।

ଯେତେବେଳେ ଜଣେ ବ୍ୟକ୍ତି ରକ୍ତଦାନ କରନ୍ତି, ସେ ଜଣେ ଅଭାବୀ ବ୍ୟକ୍ତିଙ୍କୁ ଜୀବନ ଦିଅନ୍ତି। ଦାଦି ପ୍ରକାଶମଣି ଜୀଙ୍କ ସ୍ମୃତିରେ ଆୟୋଜିତ ଏହି ଶିବିର ମାନବତା ସେବାର ଏକ ମହାନ ଉଦାହରଣ। ସେ ସଂଗଠନର ସାମାଜିକ ସେବାକୁ ପ୍ରଶଂସା କରିବା ସହିତ କାର୍ଯ୍ୟକ୍ରମର ସଫଳତା ପାଇଁ କାମନା କରିଥିଲେ। ଏହି ଶିବିରରେ ମୋଟ ୪୪ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଖୋର୍ଦ୍ଧା ବ୍ଲଡ୍ ବ୍ୟାଙ୍କର ଡାକ୍ତର ସୌରଭ ସୁନ୍ଦର ରାୟ, ଟେକ୍ନିସିଆନ୍ ଅରୁଣ କୁମାର ସାହୁ, ଝୁନୁ ଲତା ସାହୁ, ଲକ୍ଷ୍ମୀ ପ୍ରିୟା ପ୍ରଧାନ, ଝାନ୍ସୀ ରାଣୀ ପାତ୍ର ରକ୍ତ ସଂଗ୍ରହରେ ସକ୍ରିୟ ଭାବରେ ସହାୟତା କରିଥିଲେ। ଶେଷରେ ସେବା କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମା କୁମାରୀ ଅନୁରାଧା ଏବଂ ସଂଯୋଜକ ବ୍ରହ୍ମାକୁମାର ଜୟକୃଷ୍ଣ ଶତପଥି ଏହି ଶିବିରର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସୁସ୍ଥ ସମାଜ ଗଠନରେ ଯୁବ ଛାତ୍ରଙ୍କ ଭୂମିକା

ଭୁବନେଶ୍ୱର,୩୦।୮ (ମହାଭାରତ): ସାମାଜିକ ଅନୁଷ୍ଠାନ ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ ଓ ସବୁଜ ଭାରତର ମିଳିତ ଆୟୋଜନରେ ଦେଶ ନିର୍ମାଣରେ ଯୁବ-ଛାତ୍ରର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଭୁବନେଶ୍ୱସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ମୀର ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟମ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ଓ ପରିବେଶବିତ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ବିଶିଷ୍ଟ ସମାଜସେବୀ ସବ୍‌ଦର ହାସିମ୍, ଜାତୀୟ ସେବା ଯୋଜନାର ଖୋର୍ଦ୍ଧା ଜିଲ୍ଲା ପ୍ରୋଗ୍ରାମ ଅଫିସର ଡ. ଜୟଶ୍ରୀବାଳା ମଲ୍ଲିକ, ବିଶିଷ୍ଟ ପରିବେଶବିତ୍ ଡ. ସୁଧାଂଶୁ ଶେଖର ବିଶ୍ୱାଳ, ସମାଜସେବୀ ନୀଲିମା ଦାସ ଯୋଗଦେଇ ଯୁବ-ଛାତ୍ରର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବପିଢୀ ଚାହିଁଲେ ପରିବର୍ତ୍ତନ ସମ୍ଭବ ବୋଲି ଡ. ଶ୍ରୀଚନ୍ଦନ ବକ୍ତବ୍ୟ ରଖି ମହାପୁରୁଷ ଗାନ୍ଧୀ, ନେତାଜୀ ଓ ଗୋପବନ୍ଧୁଙ୍କ ବଳିଷ୍ଠ ସଂକଳ୍ପ କିଭଳି ଭାବେ ଯୁବକମାନଙ୍କୁ ଏକାଠି କରି ରାଷ୍ଟ୍ର ନିର୍ମାଣରେ ନିଜକୁ ନିୟୋଜିତ କରିଥିଲେ, ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଯୁବ ଓ ଛାତ୍ର ଗୋଷ୍ଠୀ ଦେଶର ମେରୁଦଣ୍ଡ ସୁଦୃଢ଼ ଓ ସଠିକ୍ ବାଟରେ ରହିଲେ, ଦେଶ ନିଶ୍ଚିତ ଭାବରେ ପ୍ରଗତି ପଥରେ ଆଗେଇବ ବୋଲି ବିଧାୟକ ଅନନ୍ତ ନାରାୟଣ ଜେନା ବକ୍ତବ୍ୟ ରଖିଥିଲେ। ଯୁବକମାନେ ଦେଶର ବିଭିନ୍ନ ସମସ୍ୟା, ଅନ୍ୟାୟ, ଅନୀତି ଓ ଦୁର୍ନିତୀକୁ ମୂଳପୋଛ କରିବା ନିମନ୍ତେ ଆଗେଇ ଆସିବା ଦରକାର ବୋଲି ସବ୍‌ଦର ହାସ୍‌ମି ମତବ୍ୟକ୍ତ କରିଥିଲେ। ସମାଜ ସେବାକୁ ଯୁବ-ଛାତ୍ରମାନେ ବ୍ରତ ଭାବେ ଗ୍ରହଣ କରିବାକୁ ଡ. ଜୟଶ୍ରୀବାଳା ମଲ୍ଲିକ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଯୁବ ଓ ଛାତ୍ର ସମାଜ ଅହଂକାରରୁ ଦୂରରେ ରହି ଆତ୍ମସନ୍ତୋଷ ପାଇଁ ନିଶ୍ଚିତ ଭାବେ ସମାଜସେବୀ କରିବା ଉଚିତ୍ ବୋଲି ଡ. ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ସକାରାତ୍ମକ କାର୍ଯ୍ୟ ଦ୍ୱାରା ଜଣେ ଯୁବକ ଅନ୍ୟ ପାଇଁ ପ୍ରେରଣା ସାଜିପାରିବ ବୋଲି ନିଳୀମା ଦାସ କହିଥିଲେ।

## ଜଳିଗଲା ୨ ବଖରା

ଭୁବନେଶ୍ୱର,୩୦।୮ (ମହାଭାରତ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଚକ୍ରଧରପୁର ପଂଚାୟତସ୍ଥ କୁସୁନପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନୀକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି । ଗ୍ରାମର ଭାନୁପ୍ରତାପ ମଲ୍ଲିକଙ୍କ ୨ ବଖରା ପୋଡି ପାଉଁ ହୋଇଯାଇଛି । କୌଣସି କାରଣରୁ ବିଳମ୍ବିତ ରାତିରେ ଘରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ନିଆଁ ଲିଭାଇ ପାରି ନ ଥିଲେ । ଯାହାକୁ ନେଇ ଅଗ୍ନୀଶମ ବାହିନୀକୁ ଖବର ଦିଆଯାଇଥିଲା । ଘଟଣାସ୍ଥଳରେ ଅଗ୍ନୀଶମ ବାହିନୀ ପଂହଚି ନିଆଁକୁ ଆୟତ କରିଥିଲେ ମଧ ସେତବେଳକୁ ଘରର ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଥିଲା । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପରାମର୍ଶ କ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ଅଗ୍ନୀ ବିପନ୍ନ ପରିବାର ନିକଟରେ ପଂହଚି ଅତ୍ୟାବଶ୍ୟକୀୟ ସାମଗ୍ରୀ, ଆର୍ଥୀକ ସହାୟତା ସହ ଜରି ପାଲ ଯୋଗାଇ ଦେଇଥିବା ଜଣାପଡିଛି ।

## ଏମ୍ସରେ କାର୍ଯ୍ୟକାରୀ ହେଲା ନ୍ୟୁରୋମଡ୍ୟୁଲେସନ୍ କେନ୍ଦ୍ର

ଭୁବନେଶ୍ୱର,୩୦।୮ (ମହାଭାରତ): ମାନସିକ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏମ୍ସ ଭୁବନେଶ୍ୱର ମାନସିକ ରୋଗ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର ଆରମ୍ଭ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ, ନନ୍-ଇନଭେସିଭ ବ୍ରେନ୍ ଷ୍ଟିମୁଲେସନ୍ ଥେରାପୀ ଚିକିତ୍ସା ପ୍ରଦାନ କରି, ଔଷଧ ପ୍ରତିରୋଧୀ ଏବଂ ଚିକିତ୍ସା କରିବାକୁ କଷ୍ଟକର ମାନସିକ ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଏକ ନୂତନ ଆଶା ସଂଚାର କରିବା।

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ବ୍ୟବସ୍ଥାକୁ ଉଦ୍ଘାଟନ କରିଥିଲେ। ଏହି ନ୍ୟୁରୋମଡ୍ୟୁଲେସନ୍ କେନ୍ଦ୍ରର ଶୁଭାରମ୍ଭ ଏମ୍ସ ଭୁବନେଶ୍ୱର ପାଇଁ ଏକ ବିଶେଷ ସଫଳତା। ଏହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଲୋକଙ୍କ ପାଇଁ ସର୍ବଶେଷ ଏବଂ ପ୍ରଭାବଶାଳୀ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଆଣିଛି। ମାନସିକ ସ୍ୱାସ୍ଥ୍ୟସେବା




ପ୍ରଦାନ କ୍ଷେତ୍ରରେ ଏହି ବ୍ୟବସ୍ଥା ଏମ୍ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ସଫଳତାର ସହିତ ପ୍ରତିଫଳିତ କରିବା ନେଇ ମତବ୍ୟକ୍ତ କରିଥିଲେ ଡ. ବିଶ୍ୱାସ। କାର୍ଯ୍ୟକାରୀ ହୋଇଥିବା ନୂତନ କେନ୍ଦ୍ରଟି ଉନ୍ନତ ନ୍ୟୁରୋମଡ୍ୟୁଲେସନ୍ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଯେଉଁଥିରେ ରିପିଟିଟିଭ୍ ଟ୍ରାନ୍ସକ୍ରାନିଏଲ୍ ମ୍ୟାଗ୍ନେଟିକ୍ ଷ୍ଟିମୁଲେସନ୍(ଆର୍ଟିଏମଏସ) ୟୁନିଟ୍, ଅଲ୍ଟ୍ରା-ବ୍ରିଫ୍ ପଲ୍ସ ଇସିଟି ୟୁନିଟ୍ ଏବଂ ଟ୍ରାନ୍ସକ୍ରାନିଏଲ୍ ଇଲେକ୍ଟ୍ରିକାଲ୍ ଷ୍ଟିମୁଲେସନ୍ (ଟିଇଏସ୍) ଅନ୍ତର୍ଭୁକ୍ତ। ଏହି ନନ୍-ଇନଭ୍ରେସିଭ କୌଶଳଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ରେନ୍ ସର୍କିଟରେ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରି କାର୍ଯ୍ୟ କରେ। ଏହି କେନ୍ଦ୍ର ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି, ମାଦକ କିମ୍ବା ନିଶା ଦ୍ରବ୍ୟ ସେବନଜନିତ ବ୍ୟାଧି ଏବଂ ନ୍ୟୁରୋସାଇକିଆଟ୍ରିକ୍ ଅବସ୍ଥା ପାଇଁ ବିଶେଷ ଚିକିତ୍ସା ପ୍ରଦାନ କରିବ। କେବଳ ମସ୍ତିଷ୍କର ପ୍ରଭାବିତ ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେଇ, ଏହି ଚିକିତ୍ସା ପ୍ରଣାଳୀ ପାରମ୍ପରିକ ଚିକିତ୍ସା ପଦ୍ଧତି ଅପେକ୍ଷା ଅଧିକ ସଠିକ୍ ଏବଂ ଗ୍ରହଣୀୟ ବିକଳ୍ପ ପ୍ରଦାନ କରେ। ଯାହା ଦ୍ରୁତ ଆରୋଗ୍ୟ ଏବଂ ଉତ୍ତମ ଫଳାଫଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

ଉଦଘାଟନ ଉତ୍ସବରେ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ ଏବଂ ଅଧ୍ୟାପକମାନଙ୍କ ସମେତ ଡିନ୍ ଡ. ପ୍ରଶାନ୍ତ ଆର. ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର, ଡ. ଏସ୍ କେ ପାଢୀ, ଡ. ଦେବଦତ୍ତା ମହାପାତ୍ର, ଡ. ଶ୍ରୀ ମିଶ୍ର, ଡ. ଅର୍ପିତ ପରମାର, ଡ. ଅମ୍ବିକା ସୁଂଦାସ, ଭେଷଜ ବିଭାଗର ଡ. ଶ୍ରୀକାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପାରମ୍ପରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ବିଭିନ୍ନ ମାନସିକ ବ୍ୟାଧିରୁ ଆରାମ ପାଇବା ପାଇଁ ସଂଘର୍ଷ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ହେବା ସହିତ ଏକ ନୂତନ ସମ୍ଭାବନା ପ୍ରଦାନ କରିବା ନେଇ ଆଶାବ୍ୟକ୍ତ କରିଛନ୍ତି ବିଭାଗୀୟ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର।

## ପୂଜା ପାଇଁ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୩୦।୮ (ମହାଭାରତ): ଆସନ୍ତା ପାର୍ବଣ ଋତୁରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ପରିଚାଳନା କରିବା ଏବଂ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ପାଇଁ, ଭାରତୀୟ ରେଳବାଇ ପାଟନା ଏବଂ ପୁରୀ ମଧ୍ୟରେ ସାପ୍ତାହିକ ପୂଜା ସ୍ୱତନ୍ତ୍ର ଟ୍ରେନ୍ ସେବା ପରିଚାଳନା କରିବାକୁ ନିଷ୍ପତି ନେଇଛି। ଟ୍ରେନ ନମ୍ବର ୦୩୨୩୦/୦୩୨୨୯ ପାଟନା-ପୁରୀ-ପାଟନା ପୂଜା ସ୍ପେଶାଲ ଟ୍ରେନ୍ ପାଟନାରୁ ୨୮ ଅଗଷ୍ଟରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ପ୍ରତି ଗୁରୁବାର ଚଳାଚଳ କରିବ। ସେହିପରି ପୁରୀରୁ ୨୯ ଅଗଷ୍ଟରୁ ୨୬ ଡିସେମ୍ବର ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଚଳାଚଳ କରିବ। ସାପ୍ତାହିକ ପୂଜା ସ୍ପେଶାଲ ବଖତିଆରପୁର, ବାରହ, ମୋକାମେହ, କିଉଲ, ଝୋଝା, ଜସିଡିହ, ମଧୁପୁର, ଚିତରଂଜନ, ଆସାନସୋଲ, ଦୁର୍ଗାପୁର, ବର୍ଦ୍ଧମାନ, ଡାନକୁନି, ଅଣ୍ଡୁଲ, ଖଡ଼ଗପୁର, ବାଲେଶ୍ୱର ଷ୍ଟେସନ ଗୁଡିକରେ ରହଣି କରିବ।

## ପୂର୍ବତଟ ରେଳପଥ ପକ୍ଷରୁ ପୋସ୍ ଆଇନ ସଚେତନତା

ଭୁବନେଶ୍ୱର,୩୦।୮ (ମହାଭାରତ): ପୋସ୍ ଆଇନ (କର୍ମସ୍ଥଳୀରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ର ଅନୁପାଳନ ପ୍ରତି ପ୍ରତିବଦ୍ଧତା ଏବଂ ଯେକୌଣସି ପ୍ରକାରର ଯୌନ ଉତ୍ପୀଡ଼ନରୁ ମୁକ୍ତ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ, ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରର କୋଚିଂ ଡିପୋରେ ଏକ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟସ୍ଥଳରେ ହେଉଥିବ ଉତ୍ପୀଡ଼ନର ସମାଧାନ ଉପରେ କେନ୍ଦ୍ରିତ ଏକ ସୂଚନାପ୍ରଦ ଏବଂ ଆକର୍ଷଣୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କର୍ପୋରେଟ୍ କ୍ଷେତ୍ରରେ ୧୮ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜଣେ ଅଭିଜ୍ଞ ପରିଚାଳନା ବିଶେଷଜ୍ଞ ଏବଂ ପ୍ରେରଣାଦାୟକ ବକ୍ତା ଶ୍ରୀମତୀ କାନ୍ତା ମହାନ୍ତି ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସମ୍ମାନଜନକ କାର୍ଯ୍ୟସ୍ଥଳ ସୃଷ୍ଟି କରିବାର ଗୁରୁତ୍ୱ ଉପରେ ବିସ୍ତୃତ




ଆଲୋଚନା କରିଥିଲେ। ସେ ପୋସ୍ ଆଇନ ୨୦୧୩ ର ପ୍ରମୁଖ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏବଂ ସ୍ଥାନୀୟ ଅଭିଯୋଗ କମିଟି (ଗଠନ, ନିଯୁକ୍ତିଦାତାଙ୍କ ପ୍ରତିରୋଧ, ନିଷେଧ, ପ୍ରତିକାର ଦାୟିତ୍ୱ ଏବଂ ଯୌନ ନିର୍ଯାତନା ମାମଲା ପରିଚାଳନାରେ ଜଡିତ ଆଇନଗତ ପ୍ରକ୍ରିୟା ବିଷୟରେ ଗୁରୁତ୍ୱ ଦେଇଥିଲେ। ଭୁବନେଶ୍ୱରର କୋଚିଂ ଡିପୋର ଆଗଧାଡିର କର୍ମଚାରୀମାନେ ଏବଂ ଖୋର୍ଦ୍ଧା ରୋଡ ମଣ୍ଡଳର ଅନ୍ୟାନ୍ୟ କର୍ମଚାରୀମାନ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ଅଧିବେଶନରେ ମୁଖ୍ୟ କାର୍ମିକ ଅଧିକାରୀ ଶ୍ରୀମତୀ ସାଗରିକା ପଟ୍ଟନାୟକ ଏବଂ ସୁରେଶ ବେହେରା ଓ ନିଲେଶ କୁମାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ରୋଡ ମଣ୍ଡଳର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର କାର୍ଯ୍ୟନିର୍ବାହୀ ସଦସ୍ୟ ପି.କେ. ବେହେରା ଏବଂ ଶ୍ରୀମତୀ ତପସ୍ୱିନୀ ମହାନନ୍ଦିଆ ମଧ ଉପସ୍ଥିତ ଥିଲେ।

## ୟୁରିଆ କଳାବଜାରୀ ନରୋକିଲେ କୃଷି କାର୍ଯ୍ୟାଳୟ ଘେରିବ କଂଗ୍ରେସ

ଭୁବନେଶ୍ୱର,୩୦।୮ (ମହାଭାରତ): ଏ ବର୍ଷ ଭଲ ମୌସୁମୀ ବର୍ଷା ଯୋଗୁଁ ଚାଷ ଭଲ ହେବ ବୋଲି ଚାଷୀକୁଳ ଆଶା ବାନ୍ଧି ବସିଥିବା ବେଳେ ମଝିରେ ମଝିରେ ସରକାରୀ ଅପାରଗତା ଆଗରେ ତାଙ୍କୁ ପଛେଇଯିବାକୁ ପଡୁଛି। ପ୍ରଥମେ ଚାଷୀ ଚାଷକାମ ପାଇଁ ବିଲରେ ଥିବାବେଳେ ଇ-କେୱାଇସି ପାଇଁ ଧାଡିରେ ଦିନଦିନ ରହିବାକୁ ପଡିଲା। ଏବେ ରୁଆବେଉଷଣ ଚାଲିବା ବେଳେ କଳାବଜାର ଓ ସରକାରୀ ବିଫଳତାରେ ୟୁରିଆ ସଙ୍କଟ କୃଷକଙ୍କୁ ଦୁର୍ଦ୍ଦଶାରେ ଠେଲିଦେଲା ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଅଭିଯୋଗ କରିଥିଲେ। ସେ କହିଥିଲେ ସରକାରୀ ଦାବି ଥିବା ସତ୍ତ୍ୱେ, ଓଡ଼ିଶାରେ ୟୁରିଆ ସଙ୍କଟ ତୀବ୍ର ଆକାର ନେଇଛି । ସରକାର କହିଥିଲେ ୨. ୯୪ ଲକ୍ଷ ଟନ୍ ପୂର୍ବରୁ ଷ୍ଟକ୍ ଥିଲା ଓ ୪.୫ ଲକ୍ଷ ଟନ୍ ଖରିଫ ପାଇଁ ମିଳିଥିବାରୁ ୭.୯୪ ଲକ୍ଷ ଟନ୍ ଉପଲବ୍ଧ ଅଛି । ସେଥିରୁ ୩.୬୫ ଲକ୍ଷ ଟନ୍ ବିକ୍ରି ହୋଇଛି ଓ ୪.୨୪ ଲକ୍ଷ ଟନ୍ ବିଭିନ୍ନ ଜିଲ୍ଲାରେ ବାକି ରହିଛି। କିନ୍ତୁ ସରକାରଙ୍କର କଥା ଯଦି ସତ, ତା ହେଲେ ଚାଷୀମାନେ କାହିଁକି ସାର ପାଉନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗିର, ସୁନ୍ଦରଗଡ଼, କଟକ (ନିଶିନ୍ତକୋଇଲି) ଓ ସମୁଦ୍ରତଟୀୟ ଅଂଚଳରେ ଟ ୨୨୬.୫୦ ଦରର ୟୁରିଆ ୫୦୦ ଟଙ୍କାରୁ ୬୦୦ ଟଙ୍କା ବିକ୍ରି ହେଉଛି। ଏପରିକି ନୂଆପଡାରେ ୟୁରିଆ ବ୍ୟାଗପିଛା ୯୦୦ ଟଙ୍କା ଦେବାକୁ ଚାଷୀ ବାଧ୍ୟ ହେଉଛି ବୋଲି ଶ୍ରୀ ସାହୁ ମତ ଦେଇଛନ୍ତି। ୧୩୫୦ ଟଙ୍କାର ଡି .ଏ . ପି ୧୭୦୦ ଟଙ୍କାରେ ରେ ବିକ୍ରି ହେଉଛି। ଶ୍ରୀ ସାହୁ କହିଥିଲେ କୃଷକମାନେ ଅଭିଯୋଗ କରିଛନ୍ତି ଯେ ମାର୍କଫେଡ୍ ଦ୍ୱାରା ସରକାରୀ ସବସିଡି ୟୁରିଆକୁ ପ୍ରାଇଭେଟ୍ ବେପାରୀଙ୍କୁ ବେପରୁଆ ଭାବେ ବାଂଟି ଦିଆଯାଉଛି ଯାହାକୁ କି ସେମାନେ କଳାବଜାରୀରେ ଦୁଇଗୁଣା ଦରରେ ବିକୁଛନ୍ତି। ସେ ଆହୁରି ମଧ୍ୟ ଅଭିଯୋଗ କରିଥିଲେ ଯେ କୃଷି ବିଭାଗ ଯେଉଁ ରିଟେଲ ରେଡ୍ ବା ଲାଇସେନ୍ସ ରଦ୍ଦ କଥା କହୁଛି ତାର ସୁଫଳ ଚାଷୀମାନଙ୍କୁ ମିଳି ପାରିନାହିଁ । କାରଣ କିଛି କଳାବଜାରୀ ଆଉ ଆସାଧୁ କର୍ମଚାରୀଙ୍କ ସଲାସୁତୁରା ଯୋଗୁଁ ଏହା ଏକ ପ୍ରହସନ ରେ ପରିଣତ ହୋଇଛି। ଅଭାବି ୟୁରିଆ କେମିତି ଚାଷୀ ମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି ସେହି ବିଷୟରେ ପିସିସି ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ଆଲୋକପାତ କରିଥିଲେ । ସେ ଅଭିଯୋଗ କରିଥିଲେ ଯେ ଆବଶ୍ୟକ ସମୟରେ କୃଷକ ସାର ପାଉ ନାହାନ୍ତି , ନାନୋ ୟୁରିଆ ଗ୍ରହଣ ସ୍ଥିର ହୋଇନାହିଁ , ଯଦିଓ ସାର ବ୍ୟବହାର ଓଡ଼ିଶାରେ ତୁଳନାତ୍ମକ କମ୍ କିନ୍ତୁ କଳାବଜାରୀ ଓ ଦୁର୍ନୀତି ପାଇଁ ଆଜି ଖରିଫ ଧାନ ଚାଷ ବିପଦରେ ଏବଂ ଚାଷୀଙ୍କ ଜୀବନ ଜୀବିକା ସଙ୍କଟରେ ।

## ସାମସଙ୍ଗ "ଗାଲାକ୍ସି ଏମପାୱାରଡ଼" ବିସ୍ତାର ସହ ଜ୍ଞାନକୌଶଳ ପ୍ରଶିକ୍ଷଣ

ଭୁବନେଶ୍ୱର,୩୦।୮ (ମହାଭାରତ): ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ମୁମ୍ବାଇ ଚାପଟର ଅଧିନସ୍ଥ ଏହାର ଗାଲାକ୍ସି ସଶକ୍ତିକରଣର ଶୁଭାରମ୍ଭ କରିଛି, ଯାହାକି ଏକକ-ପ୍ରକାର ବିଶିଷ୍ଟ, ସମ୍ପ୍ରଦାୟ ଅଗ୍ରଣୀ କାର୍ଯ୍ୟକ୍ରମ ଅଟେ ଯାହାର ମୂଳଲକ୍ଷ୍ୟ ଶିକ୍ଷକ ସମୂହ, ଅଧ୍ୟକ୍ଷ ସମୂହ ଏବଂ ବିଦ୍ୟାଳୟ ପ୍ରଶାସକମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ଯୁକ୍ତ ଡ଼ିଜିଟାଲ ଉପକରଣ ଏବଂ ଆଧୁନିକ ପେଡ଼ାଗୋଜିସ ସହିତ ଉନ୍ନତ କୌଶଳ ଦ୍ୱାରା ଶ୍ରେଣୀ ଗୃହରେ ପରିବର୍ତ୍ତନ ଆଣିପାରିବ। ନୂଆଦିଲ୍ଲୀରେ ଏହାର ଏକ ସଫଳ ରୂପାୟନକୁ ନେଇ ଯେଉଁଠାରେକି ୨୫୦ରୁ ଅଧିକ ବିଦ୍ୟାଳୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ୨୭୦୦ରୁ ଅଧିକ ଶିକ୍ଷକ ଏଥିରେ ପ୍ରମାଣପତ୍ର ପ୍ରାପ୍ତ ହୋଇଛନ୍ତି। ବର୍ତମାନ ଗାଲାକ୍ସି ସଶକ୍ତିକରଣ ଏହାର ପଦଧ୍ୱନୀକୁ ମୁମ୍ବାଇରେ ବିସ୍ତାରିତ କରିଛି ଯାହାକି ଭାରତର ଏକ ଅର୍ଥନୈତିକ ଏବଂ ଶୈକ୍ଷିକ ହବ ଅଟେ – ସେହି ଆକାଂକ୍ଷା ସହିତ ଯେଉଁଥିରେ ରହିଛି ଦେଶର ଶୈକ୍ଷିକ ଇକୋସିଷ୍ଟମରେ ସ୍ଥାୟୀ ପ୍ରଭାବ ସୃଷ୍ଟି।

ମୁମ୍ବାଇରେ ଶୁଭାରମ୍ଭ ହୋଇଥିବା ଏହି ଉତ୍ସବରେ ପଡ଼ୋଶୀ ରାଜ୍ୟରୁ ଆସିଥିବା ୩୫୦ରୁ ଅଧିକ ଶିକ୍ଷକ ଏବଂ ୨୫୦ଟି ବିଦ୍ୟାଳୟରୁ ଆସିଥିବା ବିଦ୍ୟାଳୟ ନେତୃବୃନ୍ଦଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମର ଏକ ସ୍ମୃତିଭରା ଅନୁଭୂତି ତଥା ଶିକ୍ଷା ନବୀସ ମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ପେଷାଧାରୀ ବିକାଶ ଧାରାକୁ ଆକର୍ଷିତ କରିପାରିବ।

ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯେଉଁ ବିଶେଷ ଅତିଥି ବୃନ୍ଦ ସାମିଲ ହୋଇଥିଲେ ସେମାନେ ହେଲେ – ମାନ୍ୟବର ଶ୍ରୀଯୁକ୍ତ ମଙ୍ଗଲ ପ୍ରଭାତ ଲୋଧା, ମନ୍ତ୍ରୀ କୌଶଳ ବିକାଶ, ଉଦ୍ୟୋଗୀକରଣ ଏବଂ ନବୀନତମ ମହାରାଷ୍ଟ୍ର ସରକାର, ଶ୍ରୀଯୁକ୍ତ ବିଶାଲ ଭି ଶର୍ମା, ୟୁନେସ୍କୋର ପ୍ୟାରିସ ଠାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଏବଂ ସ୍ଥାୟୀ ପ୍ରତିନିଧି ଏବଂ ଶ୍ରୀଯୁକ୍ତ ହିମାଂଶୁ ଗୁପ୍ତା, ସଚ୍ଚିବ, ସିବିଏସଇ ତଥା ସାମସଙ୍ଗ ଇଣ୍ଡିଆର ବରିଷ୍ଠ ଅଧିକାରୀ, ଶିକ୍ଷା ବିଶେଷଜ୍ଞ, ସିବିଏସଇ, ଆଇସିଏସଇ, ଆଇବି, ଆଇଜି, ସିଏସସି ତଥା ରାଜ୍ୟ ବୋର୍ଡ଼ର ପ୍ରତିନିଧିତ୍ୱ କରୁଥିବା ହଜାରରୁ ଅଧିକ ଶିକ୍ଷା ନବୀସ।

"ମୁମ୍ବାଇ ଭାରତୀୟ ଶିକ୍ଷା କ୍ଷେତ୍ରରେ ନବୀନତମତାର ଅସ୍ତିତ୍ୱକୁ ପ୍ରତିଧ୍ୱନିତ୍ୱ କରୁଅଛି।

## କଳିଙ୍ଗ ଷ୍ଟାଡ଼ିୟମ, ସଂଗ୍ରହାଳୟ ବୁଲି ଦେଖିଲେ ଶ୍ରୀଲଙ୍କା ଅଧିକାରୀ

ଭୁବନେଶ୍ୱର,୩୦।୮ (ମହାଭାରତ): ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀଲଙ୍କାର ଅଧିକାରୀମାନେ ଗୁରୁବାର କଳିଙ୍ଗ ଷ୍ଟାଡ଼ିୟମ ଏବଂ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ଶ୍ରୀଲଙ୍କା ଦେଶର ଅଧିକାରୀମାନେ କଳିଙ୍ଗ ଷ୍ଟାଡ଼ିୟମରେ ରହିଥିବା ସ୍ପୋର୍ଟ୍ସ ସାଇନ୍ସ ସେଂଟର, ଆଥଲେଟିକ୍ସ ଷ୍ଟାଡ଼ିୟମ, ହକି ଷ୍ଟାଡ଼ିୟମ, ଭାରତୋଳନ, ସନ୍ତରଣ, ବ୍ୟାଡ଼ମିଣ୍ଟନ, ସୁଟିଙ୍ଗ, ଜିମ୍ନାଷ୍ଟିକ୍ସ ହାଇ ପରଫରମାନ୍ସ ସେଂଟର ଆଦି ବୁଲି ଦେଖିଥିଲେ। ଶ୍ରୀଲଙ୍କାର ଅଧିକାରୀମାନେ ଅତ୍ୟାଧୁନିକ କ୍ରୀଡ଼ା ଭିତିଭୂମିର ଭୂୟସୀ ପ୍ରଶଂସା କରିବା ସହିତ ଓଡ଼ିଶାରେ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଂଟର ସଫଳ ଆୟୋଜନ ସମ୍ବନ୍ଧରେ ଅବଗତ ହୋଇଥିଲେ। ଏହାପରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଯାଇ ପ୍ରାଗ-ଐତିହାସିକ ଗ୍ୟାଲେରୀ, ରାଜକୀୟ ଓ ହାତୀଦାନ୍ତ





ଗ୍ୟାଲେରୀ, ପ୍ରାଣୀ ବିଜ୍ଞାନ ଗ୍ୟାଲେରୀ, ଖଣି ଓ ଭୂ-ତତ୍ୱ ଗ୍ୟାଲେରୀ , କଣ୍ଢେଇ ଗ୍ୟାଲେରୀ, ମୁଖା ଗ୍ୟାଲେରୀ, ଜନଜାତି ଗ୍ୟାଲେରୀ , ହସ୍ତତନ୍ତ ଗ୍ୟାଲେରୀ ଆଦି ବୁଲି ଦେଖିଥିଲେ। ଓଡ଼ିଶାର ଇତିହାସ, ସଂସ୍କୃତି, ଐତିହ୍ୟ ଓ ଅନନ୍ୟ ପରମ୍ପରା ସମ୍ବନ୍ଧରେ ପଚାରି ବୁଝିଥିଲେ। ଏହି ଅବସରରେ ଓଡ଼ିଶାର ପାଇକ ବିଦ୍ରୋହ ଓ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧରେ ଏକ ବୃତଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା।

ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀମାନେ ସାମିଲ ହୋଇ ଓଡ଼ିଶାର କ୍ରୀଡ଼ା ଭିତିଭୂମି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧରେ ଅବଗତ କରାଇଥିଲେ।

## ଇସ୍ରାଏଲର ଗଣସଂହାର

ଇସ୍ରାଏଲର ନୃଶଂସ ଆକ୍ରମଣ ଗଣ ସଂହାରଠାରୁ କୌଣସି ଗୁଣରେ କମ୍ ନୁହେଁ। ତେବେ ଏହି ଗଣସଂହାର ବା ଇସ୍ରାଏଲ ଅମାନୁଷିକ ଆକ୍ରମଣ କେବେ ବନ୍ଦ ହେବ ତାହା ଭବିଷ୍ୟତ ହିଁ କହିବ? ଏବେ ଇସ୍ରାଏଲର ସୁକ୍ୟୁରିଟ୍ କ୍ୟାବିନେଟ ସମ୍ପୂର୍ଣ୍ଣ ଗାଜାକୁ ଦଖଲ କରିବା ପାଇଁ ନିଷ୍ପତି ଗ୍ରହଣ କରିବା ପାଲେଷ୍ଟାଇନରେ ସୃଷ୍ଟି ହୋଇଥିବା ଭୟଙ୍କର ମାନବିକ ସଂକଟକୁ ନେଇ ଆନ୍ତର୍ଜାତିକ ସ୍ତରରେ ସୃଷ୍ଟି ହୋଇଥିବା ଉଦ୍‌ବେଗ ପ୍ରତି ପ୍ରତ୍ୟକ୍ଷ ଆଗମନ ସଦୃଶ ବୋଲି କୁହାଯାଇପାରିବ। ଇସ୍ରାଏଲର ଏଭଳି ଆଭିମୁଖ୍ୟ ତଥା ନିଷ୍ପତିକୁ ବିଶ୍ୱର ବହୁ ଖ୍ୟାତନାମା ଗଣହତ୍ୟା ବିରୋଧ ବୁଦ୍ଧିଜୀବୀଙ୍କ ସମେତ ଉଭୟ ଆନ୍ତର୍ଜାତିକ ଓ ଇସ୍ରାଏଲର ମାନବିକ ଅଧିକାର ସଂଗଠନ ଦୃଢ ବିରୋଧ କରିଛନ୍ତି। ପାଲେଷ୍ଟାଇନରେ ଇସ୍ରାଏଲ ଗଣସଂହାର ଚଳାଇଛି ବୋଲି ସେମାନେ ଦର୍ଶାଇଛନ୍ତି। ସେହିପରି ପାଲ୍ଲଷ୍ଟାଇନ ବିରୁଦ୍ଧରେ ଇସ୍ରାଏଲର ଯୁଦ୍ଧକୁ ଦେଶର ଦୁଇଜଣ ପୂର୍ବତନ ପ୍ରଧାନମନ୍ତ୍ରୀ, ପୂର୍ବତନ ସେନାମୁଖ୍ୟ ଏବଂ ଗୋଇନ୍ଦା ମୁଖ୍ୟମାନେ ଦୃଢ ବିରୋଧ କରିଛନ୍ତି। କେବଳ ଏତିକି ନୁହେଁ, ଇସ୍ରାଏଲରେ ମଧ ପ୍ରଧାନମନ୍ତ୍ରୀ ନେତାନ୍ୟୁହ ବେଞ୍ଜାମିନଙ୍କ ଯୁଦ୍ଧଖୋର ମନୋଭାବ ବିରୁଦ୍ଧରେ ବ୍ୟାପକ ଜନମତ ପ୍ରକାଶ ପାଇଛି। କିଛି ଦିନ ତଳେ ଇସ୍ରାଏଲରେ ଯେଉଁଭଳି ନେତାନ୍ୟୁହ ବିରୋଧି ବିକ୍ଷୋଭ ସାଧାରଣ ଲୋକମାନେ ପ୍ରଦର୍ଶନ କରିଥିଲେ, ତାହା ଅଦଭୂତ୍‌ପୂର୍ବ ଥିଲା। ଏହା ନିସନ୍ଦେହ ଯେ, ଇସ୍ରାଏଲର ନେତାନ୍ୟୁହ ଲୋକପ୍ରିୟତା ହରାଇଥିବା ଜଣେ ନେତା। ନିର୍ବାଚନ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରଖି ପୁନର୍ବାର କ୍ଷମତା ଦଖଲ କରିବା ତାଙ୍କର ଲକ୍ଷ୍ୟ। ଏହା ନିସନ୍ଦେହ ଯେ, ଇସ୍ରାଏଲୀ ଅବରୋଧ ଯୋଗୁଁ ଗାଜାରେ ଦୁର୍ଭିକ୍ଷ ସୃଷ୍ଟି ହୋଇଛି। ଜଳ, ଖାଦ୍ୟ, ଔଷଧ ଅଭାବରୁ ଲୋକେ ପୋକମାଛ ପରି ମୃତ୍ୟୁ ମୁଖରେ ପଡୁଥିବାବେଳେ ହଜାର ହଜାର ଶିଶୁ ଅପପୁଷ୍ଟିର ଶୀକାର ହୋଇଛନ୍ତି। ତୁରନ୍ତ ଯୁଦ୍ଧ ବନ୍ଦ ପାଇଁ ଆନ୍ତର୍ଜାତିକ ସମୁଦାୟ ଅପିଲ କରିଛି। ଏପରିକି ଇସ୍ରାଏଲର ବନ୍ଧୁ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଯୁଦ୍ଧ ବନ୍ଦ ଲାଗି ୧୩ଜଣିଆ କଂଟ ଦେଇ ବିଫଳ ହେବା ପରେ ଏବେ ନୀରବ ରହିଛି। ଯାହାକି ଇସ୍ରାଏଲ ଆହୁରି ଉତ୍ସାହିତ କରିଥିବା କୁହାଯାଇପାରେ। ସେହିପରି ଇସ୍ରାଏଲର ମିତ୍ର ରାଷ୍ଟ୍ର ଭାବେ ପରିଚିତ ଫ୍ରାନସ୍, ବ୍ରିଟେନ, କାନାଡା ସମେତ ବହୁ ରାଷ୍ଟ୍ର ଯୁଦ୍ଧବିରତି ପାଇଁ ଦାବି କରିବା ସଙ୍ଗେ ସଙ୍ଗେ ପାଲେଷ୍ଟାଇନକୁ ରାଷ୍ଟ୍ରର ମାନ୍ୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆହୁରି ମଧ ଗଣହତ୍ୟା ଅଭିଯୋଗରେ ନେତାନ୍ୟୁହଙ୍କୁ ଗିରଫ କରିବା ପାଇଁ ଆନ୍ତର୍ଜାତିକ ଅଦାଲତ ଗିରଫ ପରୱାନା ଜାରି କରିଥିବା ସତ୍ୱେ ବେଖାତିର କରିଚାଲିଛନ୍ତି। ଗାଜାରେ କୌଣସି ଅନାହାର ପରିସ୍ଥିତି ନାହିଁ। ଯେଉଁ କଙ୍କାଳସାର ଫଟୋ ଜାରି ହୋଇଛି, ତାହା ବହୁପୁରୁଣା ଓ ସଂରକ୍ଷିତ ଥିବା ଫଟୋ। ସେ ଆହୁରି କହିଛନ୍ତି ଯେ, ଗାଜାକୁ ପୂର୍ଣ୍ଣ ନିୟନ୍ତ୍ରଣରେ ନେବାକୁ ଚାହାଁନ୍ତି, କିନ୍ତୁ ଏହାକୁ କବଜାରେ ରଖିବାକୁ ଚାହାଁନ୍ତି। ଗାଜାକୁ ନିୟନ୍ତ୍ରଣକୁ ନେବା ପର୍ଯ୍ୟନ୍ତ ହମାସ ଆତଙ୍କବାଦୀ ସଂଗଠନର ଅନ୍ତ ଘଟିବ ନାହିଁ। ତେବେ ତାଙ୍କର ଏହି କଥା ବିଶ୍ୱାସ ଯୋଗ୍ୟ ନୁହେଁ କି ଗ୍ରହଣଯୋଗ୍ୟ ମଧ ନୁହେଁ। ଗତ ୨୦୨୪ ଏପ୍ରିଲରେ ସେ କହିଥିଲେ ଯେ, ଗାଜା ବିଜୟଠାରୁ ଯୁଦ୍ଧ ବିରତିକୁ ରଦ୍ଦ କରି ଗାଜା ଅବରୋଧ କରିଥିଲେ ଯାହାକି ଏବେ ଅନାହାରର ସଂକଟର କାରଣ ହୋଇଛି। ଇସ୍ରାଏଲର ଦୁଇଜଣ କ୍ୟାବିନେଟ ମନ୍ତ୍ରୀ ବାରମ୍ବାର ଗାଜା ଦଖଲ ପାଇଁ ଆହ୍ୱାନ ଦେଇଛନ୍ତି। ଏହା ନିସନ୍ଦେହରେ ଇସ୍ରାଏଲ ତାର ଶକ୍ତିଶାଳୀ ସାମରିକ ବାହିନୀ ସହାୟତାରେ ଗାଜାକୁ ଦଖଲ କରିବା ଅସମ୍ଭବ ମନେହୁଏ ନାହିଁ। ତେବେ ବିଶ୍ୱ ସମୁଦାୟ ଆଉ ନୀରବ ରହିବା ଉଚି ନୁହେଁ।

“

*ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ତାଙ୍କ ଜନ୍ମଦିନକୁ 'ବିଶ୍ୱ ରକ୍ତଦାନ ଦିବସ' ଭାବେ ପାଳନ କରାଯାଏ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି।*

## ରକ୍ତଦାତାଙ୍କ ପାଇଁ ଆହ୍ୱାନ

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ରକ୍ତଦାନ ଦ୍ୱାରା ସାମାଜିକ ସେବା ଦାୟିତ୍ୱବୋଧତାର ଅଙ୍ଗୀକାରତାକୁ ସମାଜରେ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ମହାନ କ୍ରାନ୍ତୀଦର୍ଶୀ ଏହି ଦିବସଟିକୁ ସ୍ମରଣୀୟ କରିଥିଲେ ତାଙ୍କରି ପାଇଁ ବିଶ୍ୱ ରକ୍ତଦାତା ଦିବସର ମହତ୍ତ୍ୱ ଅନୁରଣିତ ହେଉଛି । ସଂପ୍ରତି ସମଗ୍ର ବିଶ୍ୱରେ ଦିନକୁ ଦିନ ପ୍ରାକୃତିକ ବିପର୍ଯ୍ୟୟ, ସଡ଼କ ଦୁର୍ଘଟଣା ଓ ସାମାଜିକ ଅଘଟଣ କ୍ଷେତ୍ରରେ ଲୋଡ଼ା ପଡୁଛି ଅମୂଲ୍ୟ ରକ୍ତ । ଯଥାର୍ଥରେ କୁହାଯାଏ ରକ୍ତଦାନ ଶ୍ରେଷ୍ଠ ଦାନ । ରକ୍ତର ବିକଳ୍ପ ନାହିଁ । ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୂମୂର୍ଷୁଟିକୁ । ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୂମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି । ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଶ୍ୱ ରେଡ଼କ୍ରସ ସଂସ୍ଥା ସହିତ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର ପରିଚାଳନାରେ ରକ୍ତ ଭଣ୍ଡାର ମଧ କାର୍ଯ୍ୟ କରୁଛି । ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ ଅନୁଷ୍ଠାନ ଓ ଆଧ୍ୟାତ୍ମିକ ସେବା ସଂଗଠନ ମାନେ ଏହି ମହାର୍ଘ୍ୟ ସେବାଦାନକୁ ଆପଣାଇ ନିୟମିତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ସାଧାରଣରେ ଦେଖାଯାଇଥାଏ ରକ୍ତ ସଂଗ୍ରହ କ୍ଷେତ୍ରରେ ଯୁବପିଢ଼ୀଙ୍କ ସହଯୋଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ରକ୍ତସଂଗ୍ରହ କ୍ଷେତ୍ରରେ କୁସଂସ୍କାର, ଅନ୍ଧବିଶ୍ୱାସ, ଭୁଲଭ୍ରାନ୍ତିକୁ ସେହିମାନେ ନିଜର ସଂସ୍କାରଭିମୁଖୀ ଚିନ୍ତା ଓ ଚେତନାରେ ସମସ୍ତଙ୍କୁ ବୁଝାଇବାର ସାମର୍ଥ୍ୟ ରଖି ନିଜେ ସର୍ବପ୍ରଥମ ଏହି ସେବା ପାଇଁ ନିଜକୁ ଉତ୍ସର୍ଗ କରୁଛନ୍ତି । ଯୁବ ପିଢ଼ୀଙ୍କ ଏହି ମହାର୍ଘ୍ୟ ସେବା ନିଶ୍ଚିତ ଭାବରେ ଆମ ସମାଜର ସମସ୍ତଙ୍କ ପ୍ରେରଣାର ଆଲୋକବର୍ତ୍ତିକା ।

ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ତାଙ୍କ ଜନ୍ମଦିନକୁ 'ବିଶ୍ୱ ରକ୍ତଦାନ ଦିବସ' ଭାବେ ପାଳନ କରାଯାଏ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଅଛନ୍ତି ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି । ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ । ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୨ ପିଣ୍ଟ ରକ୍ତ ଏବଂ ଲିଭର ପ୍ରତିରୋପଣ ବେଳେ ୧୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ । ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ । ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ । ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ । ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲାଟିଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ । ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ । ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ । ସେହିପରି ରକ୍ତଦାନ କରିବାବେଳେ ରକ୍ତଦାତାର ରକ୍ତପରୀକ୍ଷା ହେଉଥିବାରୁ ଏହା ଦ୍ୱାରା ହେପାଟାଇଟିସ୍, ମ୍ୟାଲେରିଆ, ଡାଇବେଟିସ ଓ ଏଚ୍‌ଆଇଭି ପରି ବିଭିନ୍ନ ରୋଗ ସମ୍ପର୍କରେ ପରୀକ୍ଷାରୁ ସୂଚନା ମିଳିଥାଏ । ଆହୁରି ମଧ ପ୍ରକାଶ ଯେ, ପ୍ରତି ବର୍ଷ କେବଳ ଭାରତରେ ଆବଶ୍ୟକ ହୁଏ ୪ କୋଟି ପିଣ୍ଟ ରକ୍ତ । ତେବେ ସଂଗୃହୀତ ହୁଏ ମାତ୍ର ୪୦ ଲକ୍ଷ ପିଣ୍ଟ । ଏଠାରେ ପ୍ରତି ଦୁଇ ସେକେଣ୍ଡରେ କେହି ନା କେହି ଜଣେ ରକ୍ତ ଦରକାର କରିଥାଏ । ଏଣୁ ପ୍ରତିଦିନ ୩୮୦୦୦ ମଣିଷ ରକ୍ତଦାନ କରିବା ଆବଶ୍ୟକ । ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ । କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ । ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ । ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ । ସ୍ୱେଚ୍ଛାକୃତ ରକ୍ତଦାନ ଠାରୁ ବଳି ଅନ୍ୟ କିଛି ନାହିଁ । କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ । ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ । ବର୍ଷର ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ରକ୍ତଦାତା ମାନଙ୍କ ଅନାଲୋଚିତ ପ୍ରତିଭାକୁ ସମସ୍ତଙ୍କ ସାମ୍ନାକୁ ଆଣି ସେହି ଜୀବନଦାତା ମାନଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଉଛି ଏହା ନିଶ୍ଚିତ ଭାବେ ଅନ୍ୟ ରକ୍ତଦାତାଙ୍କ ଭିତରେ ପ୍ରେରଣା ସୃଷ୍ଟି କରିବ । ଜଣେ ଯୁବରକ୍ତ ଦାତା ରକ୍ତଦାନ କରୁଥିଲେ ରେଡ଼କ୍ରସ ବା ସଂପୃକ୍ତ ରକ୍ତଭଣ୍ଡାର ପକ୍ଷରୁ ପ୍ରତିବଦଳ ରକ୍ତ ପାଇଁ ଏକ ପରିଚୟ ପତ୍ର ମିଳିଥାଏ । ତେବେ ସରକାର ଓ ରେଡ଼କ୍ରସର ମିଳିତ ସହଯୋଗରେ ଯୁବରକ୍ତଦାତା ମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା କିଛି ରଖାଗଲେ ରକ୍ତଦାନର କାର୍ଯ୍ୟକ୍ରମ ଆହୁରି ବି ତ୍ୱରାନ୍ୱିତ ହୋଇପାରନ୍ତା । ସରକାରୀ ଓ ବେସରକାରୀ ସଂସ୍ଥାକୁ ଛାଡ଼ିଲେ ସରକାରଙ୍କ ସହଯୋଗୀ ସଂଗଠନ ମାନେ ମଧ ବର୍ଷର ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜିତ କରିଥାନ୍ତି । ଆଜି ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଯୁବ ପିଢ଼ୀଙ୍କ ଭିତରେ ଯଥାର୍ଥ ମାନବ ଜୀବନକୁ ଉଜ୍ଜୀବିତ କରିବା ପାଇଁ ରକ୍ତଦାନ ପରି ଜୀବନ ଦାନର ମହାମନ୍ତ୍ରକୁ ଆପଣାଇ ମୁମୂର୍ଷୁଟିର ଜୀବନ ରକ୍ଷା ପାଇଁ ରକ୍ତଦାନ କଲେ ଯଥାର୍ଥ ମାନବୀୟ ଜୀବନ ସାର୍ଥକ ହୁଅନ୍ତା । ନିଜର ରକ୍ତଦ୍ୱାରା ଅନ୍ୟ ଜଣଙ୍କ ଅମୂଲ୍ୟ ଜୀବନ ରକ୍ଷା ହୋଇପାରିଲେ ଏହା ଯଥାର୍ଥ ଭାବେ ଜୀବନର ଶ୍ରେଷ୍ଠ ଦାୟିତ୍ୱବୋଧ ଯେ ହୁଅନ୍ତା ଏହି ବାର୍ତ୍ତା ବିଶ୍ୱ ରକ୍ତଦାତା ଦିବସର ଅନୁଚିନ୍ତନ ହେଉ ଏହା ହିଁ କାମନା ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ରଖିବା ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ ହୋଇଛି। ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ଆରବିକ ତାଲିମ କୌଶଳ ଦିଆଯିବାର ବ୍ୟବସ୍ଥା ହୋଇଛି। ସୂଚନା ଥାଉକି ପ୍ରଥମ ଥର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି। ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଉଛି। ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଉଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସିବିଲିଟି ଓ ସେଲ୍ଫ ଡିଫେନ୍ସ ସ୍କିଲ ତାଲିମ ମିଳିବ। ପୁସଅପ୍ସ, ସ୍କ୍ୱାଟସ୍, ଲେଗ୍ କଲର୍ସ, ଲେଗ ଏକ୍ସଟେନ୍ସନ୍, ଚେଷ୍ଟ ପ୍ରେସ୍, ଥ୍ରି ୱେ ସୋଲଡର ଷ୍ଟ୍ରେଚ ଭଳି ବିଷୟରେ ମଧ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ।

ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ଥିତ ଢ଼ଙ୍ଗରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜ ଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟଙ୍କାକୁ ସେହି କଲେଜ ଲାଇଟ, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଥିବାବେଳେ ମାଷ୍ଟର ଟ୍ରେର୍ନରଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତି ବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କ୍ଲବର ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟଏଡ଼ ଡକ୍ୟୁମେଣ୍ଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇପାରିବ। ଜରୁରୀକାଳୀନ ପରିସ୍ଥିତିରେ ଅଡିଟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟରେ ଦାଖଲ କରିବେ। ଗତ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ ଜାରି ହୋଇଛି। ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଆଗ୍ରହୀ ଥା ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ। ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ। ରିପୋଟିଂ ଓ ପଞ୍ଜୀକରଣ ତାରିଖ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ସରିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ। ଗ୍ରୁପ ଅନୁଯାୟୀ ବଜେଟ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଣ୍ଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ। କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ। ବିଭାଗ ପକ୍ଷରୁ ଦିଆଯାଇଥବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ। ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ।

ସୂଚନାଥାଉକି ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା। ଯୁକ୍ତ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି। ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମକକ୍ଷ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଭାରତରେ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୁଜୁରାଟ, ଉତ୍ତର ପ୍ରଦେଶ ପରି ବିଭିନ୍ନ ରାଜ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଓଡ଼ିଶା ସରକାର କିନ୍ତୁ ଆଉ ପାଦେ ଆଗକୁ ଯାଇ ଆତ୍ମରକ୍ଷା କୌଶଳ କ୍ଲବ ଗଠନ ସହ ଅନ୍ୟାନ୍ୟ ଉତ୍ସାହଜନକ ସହଯୋଗଭିତ୍ତିକ କାର୍ଯ୍ୟକ୍ରମର ଦାୟିତ୍ୱ ହାତକୁ ନେଇଛନ୍ତି। ଆମ ସମୟରେ ସାମାଜିକ କ୍ଷେତ୍ରରେ ଅନେକ ସମୟରେ ଝିଅମାନେ କେବଳ ନିଜ ସୁରକ୍ଷା ନୁହେଁ ଆଖି ସାମ୍ନାରେ ସଂଗଠିତ କୌଣସି ଅସହାୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଛଘୁଞ୍ଚା ଦେଇଥାନ୍ତି। ଏ ସଂକ୍ରାନ୍ତୀୟ ଅନେକ ଖବର ଗଣମାଧ୍ୟମରେ ମଧ ପ୍ରକାଶ ପାଉଛି। ତେଣୁ ଆମ ଝିଅମାନେ ଆତ୍ମରକ୍ଷା କୌଶଳ ତାଲିମରେ ଜଣେ ଜଣେ ପ୍ରଶିକ୍ଷିତା ଯୋଦ୍ଧା ଭାବେ କାର୍ଯ୍ୟ କରିବେ। କେବଳ ନିଜ ବା ବନ୍ଧୁବର୍ଗ ବା ପରିବାରର ନୁହଁ ସର୍ବୋପରି ସମାଜର ସୁରକ୍ଷା ଦାୟିତ୍ୱରେ ଯେଉଁ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବେ ଏହି ପ୍ରସଙ୍ଗରେ ମନେପଡ଼ିଯାଉଛି ବୀରାଙ୍ଗନା ଲକ୍ଷ୍ମୀବାଈଙ୍କ କଥା। ଜୀବନ ଯୁଦ୍ଧରେ ଅନେକ ଝିଅ ମାନଙ୍କୁ ଅସହାୟ ବା ଅବଳା ଦୁର୍ବଳା ଭାବିବାର ଆଉ ସମୟ ହିଁ ନାହିଁ। ଦିନକୁ ଦିନ ଆମ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେଉଛି ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନର ଦାୟିତ୍ୱ ମଧ ନିର୍ବାହ କରୁଛନ୍ତି ଏବଂ ଆମ ସମସ୍ତଙ୍କର ଏ କ୍ଷେତ୍ରରେ ପ୍ରେରଣାର ସହଯୋଗ ଭିତ୍ତିକ ଗୁରୁଦାୟିତ୍ୱ ମଧ ରହିଛି। କାରଣ ଏବେ ବି ସମାଜରେ କୌଣସି ଏକ କ୍ଷେତ୍ରରେ ଝିଅଟିର ଅସହାୟ ଚିତ୍ରକୁ ଅନ୍ୟମାନେ ଏକ ତାମସାର ଦର୍ଶକ ଭାବେ ମୁକସାକ୍ଷୀ ଭାବେ ଦେଖୁଥିବାର ଉଦାହରଣ ମଧ ରହିଛି। ଯାହାକି ସମାଜବିତ ଓ ଆମ ସମସ୍ତଙ୍କ ପାଇଁ ଛାତି ଥରାଇ ଦେବାପରି ଅଘଟଣ ଠାରୁ କମ ନୁହଁ। ତେଣୁ ଆମ ଝିଅମାନେ ନିଜେ ସୁରକ୍ଷିତ ରହିବା ସହ ଆମ ସମାଜର ସୁରକ୍ଷା ଦାୟିତ୍ୱକୁ ହାତକୁ ନେବା କମ ଗୌରବର କଥା ନୁହେଁ। କଲ୍ୟାଣମୟୀ ଆମ ସୁନା ଝିଅ ମାନଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହିତ ସହଯୋଗ ଭଲପାଇବା ରହିଥିଲା, ରହିଛି ଆଉ ରହିବ ମଧ।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,**
**ସେକ୍ଟର-୮, ସିଡିଏ, କଟକ,**

## ଯେକୌଣସି ମନୁଷ୍ୟ ବୁଦ୍ଧ ହୋଇପାରିବେ

**॥ ଯଶସ୍ୱିନୀ ପଟ୍ଟନାୟକ॥**

ପୁଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୂତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଲା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ । ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।

ଏହି ସଂସାରରେ ଯୁଗ ଯୁଗରେ ମାନବଜାତିର କଲ୍ୟାଣ ନିମିତ୍ତ ଭଗବାନ ମନୁଷ୍ୟ ଶରୀର ଧାରଣ କରି ଜନ୍ମଗ୍ରହଣ କରିଛନ୍ତି । ଭଗବାନ ବୁଦ୍ଧଙ୍କ ଜନ୍ମ ସେହି ଉଦ୍ଦେଶ୍ୟରେ ହୋଇଥିଲା । ମାନବଜାତିର କଲ୍ୟାଣ ନିମିତ୍ତ ନିଜେ କାର୍ଯ୍ୟ କରିବା ସହିତ ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ମାଧ୍ୟମରେ ସେ ଆତ୍ମକଲ୍ୟାଣର ମାର୍ଗ ପ୍ରଦର୍ଶନ କରିଥିଲେ । ସେ କହିଥିଲେ ଯେ 'ମୁଁ ଜଣେ ସାମାନ୍ୟ ମନୁଷ୍ୟ । ଯେ କୌଣସି ମନୁଷ୍ୟ ମୋ ପ୍ରଦର୍ଶିତ ପଥରେ ଜୀବନୀ ପରିଚାଳନା କଲେ, ଠିକ୍ ମୋ ପରି ବୁଦ୍ଧ ହୋଇପାରିବ।' ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ବାଣୀରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିବା ମହାପରାକ୍ରମୀ ଚଣ୍ଡାଶୋକ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ସହ ବୌଦ୍ଧଧର୍ମର ସମ୍ପର୍କ ରହିଥିବା ଗବେଷକମାନେ ମତ ଦିଅନ୍ତି । ଶ୍ରୀ ଜଗନ୍ନାଥଙ୍କ ଦଶାବତାର ମଧ୍ୟରେ ବୁଦ୍ଧଙ୍କ ନବମ ଅବତାର ବୋଲି କଳ୍ପନା କରାଯାଇ ଏପରି ପ୍ରାର୍ଥନା କରାଯାଏ । 'ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତମ୍, ସଦୟ-ହୃଦୟଦର୍ଶିତ-ପଶୁଘାତମ୍ କେଶବ ! ଧୃତ-ବୁଦ୍ଧଶରୀର ଜୟ ଜଗଦୀଶ ହରେ ।' ଅର୍ଥାତ୍ : ହେ, କରୁଣା ରସରେ ସଦା ପ୍ଲାବିତ, ଦୟାର ସାଗର । ଜୀବ ହିଂସା ଯହିଁ ସାଧିତ ହୁଅଇ ଶୁଭେ ତବବାଧା ସ୍ୱର । ଶରବିଦ୍ଧ ପକ୍ଷୀ ଆର୍ତ୍ତ ଚିତ୍କାରରେ ଦ୍ରବିତ ବୁଦ୍ଧାବତାର । ତବ ଜୟ ଗୀତି.. ଜୟ ଜଗଦୀଶ ହରେ। ବୌଦ୍ଧଧର୍ମାବଲମ୍ବୀମାନଙ୍କର ବିଶ୍ୱାସ ଯେ ଜଗନ୍ନାଥଙ୍କର ନାଭି କ୍ଷେତ୍ରରେ ବୁଦ୍ଧଙ୍କର ପବିତ୍ର ଦାନ୍ତ ରହିଛି । ବୌଦ୍ଧ ଧର୍ମ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ବିଶ୍ୱରେ ଏକ ବିଶିଷ୍ଟ ଧର୍ମ ରୂପେ ପରିଗଣିତ ଓ ଆଦୃତ । ବିଖ୍ୟାତ କଳିଙ୍ଗ ଯୁଦ୍ଧ ପରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେବା ପୂର୍ବରୁ ଏଠାରେ ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତ ବସତି ସ୍ଥାପନ କରି ଅନେକ ଶିଷ୍ୟ ଗ୍ରହଣ କରିଥିଲେ ଏବଂ ଅଶୋକ ତାଙ୍କରି ଠାରୁ ହିଁ ଧର୍ମ ଶିକ୍ଷା ପାଇଥିଲେ । ବୌଦ୍ଧ ଧର୍ମ ପୃଥିବୀର ଏକମାତ୍ର ଧର୍ମ, ଯାହା ଈଶ୍ୱର କୈନ୍ଦ୍ରିକ ନୁହେଁ । ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିବା ଭଗବାନ ବୁଦ୍ଧଦେବ ଜୀବନରେ ନିଜେ କେବେ କୌଣସି ଦେବଦେବୀଙ୍କୁ ପ୍ରାର୍ଥନା କରିନଥିଲେ ବା କାହାକୁ ସେପରି ପୂଜା ଅର୍ଚ୍ଚନା କରିବା ପାଇଁ ଉପଦେଶ ଦେଇନାହାନ୍ତି । ସେ କେବଳ ଶୀଳ, କଠୋର ନୈତିକ ଜୀବନ ଯାପନ, ସମାଧି ଓ ପ୍ରଜ୍ଞା ଉପରେ ଜୋର ଦେଇ ମାନବିକତାର ଅଭିବୃଦ୍ଧି ସାଧନ କରିଛନ୍ତି।

ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତାର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍କରୁଣାର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି । ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା' ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି । କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି । ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି । ବସୁଧୈବ କୁଟୁମ୍ବକମ୍ । ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ । ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ ଜୀବେ ଦୟା ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ । କେହି କାହାକୁ ହତ୍ୟା ନକରୁ । ଯେ ପଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୁତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଲା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ । ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।

## ପୁଣି ନାଲି ମାଟି ମାଫିଆ ସକ୍ରିୟ: ରାତିରେ ବେଧଡ଼କ ଚାଲିଛି କାରବାର



ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ ଅଧୀନସ୍ଥ କୋମଣ୍ଡ, ରୋହିବାଙ୍କ ପଞ୍ଚାୟତରେ ପୁଣି ଥରେ ମାଙ୍କଡ଼ା ଖଣି ମାଫିଆ ମାନେ ସକ୍ରିୟ ହୋଇ ଉଠିଛନ୍ତି ବୋଲି ଅଭିଯୋଗ ହେଉଛି। ମାଙ୍କଡ଼ା ଖଣିକୁ ନେଇ ବେଆଇନ ହାତଗୁଞ୍ଜା କାରବାର ଅଡିଓ ଭାଇରାଲ ହେବା, ଖଣି କାରବାରକୁ ନେଇ ରକ୍ତପାତ ହେବା ଏବଂ ପୁଲିସ ଚଢ଼ଉ କରିବା ପରେ ଖଣି କାରବାର କିଛିଦିନ ବନ୍ଦ ରହିଥିବା ବେଳେ ଏବେ ପୁଣି ରାତିଅଧିଆ ବେପାର ଆରମ୍ଭ ହୋଇଛି ବୋଲି ଅଭିଯୋଗ ହେଉଛି। ଉକ୍ତ ଅଞ୍ଚଳରେ ରହିଥିବା ଏକ ମହିଳା ମହାବିଦ୍ୟାଳୟ ପଛ ପାଖରୁ ରାତି ଅଧରେ ମାଙ୍କଡ଼ା ପଥର କଟାଯାଇ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାକୁ ଚାଲାଣ ହେଉଛି। ଏହାସହିତ ବାଦଭୂଇଁ, କୋମଣ୍ଡ ପଥରା ପୋଖରୀ ପଛପାଖରେ ବ୍ୟାପକ ଖଣି ଖନନ କରାଯାଉଛି। ଏହି ବେଆଇନ ଖଣି କାରବାରରେ ଶତାଧିକ ଗାଡ଼ି ବ୍ୟବହାର ହେଉଛି। ଜେସିବି, ଟ୍ରାକ୍ଟର, ଚାରିଶହ ସାତ, ହାଇୱା, ଡମ୍ଫର, ଟ୍ରକ ଏବଂ ପଥର କାଟିବା ମେସିନ ବ୍ୟବହାର ହେଉଛି। ଦୈନିକ ଶତାଧିକ ଟ୍ରିପ୍ ମାଙ୍କଡ଼ା ଓ ମୋରମ ବେଆଇନ ଚାଲାଣ ହେଉଛି। ଏଭଳି ଲୁଟ ପାଇଁ କିଏ ପ୍ରୋତ୍ସାହନ ଦେଉଛି କିଏ, କିଏ ସମର୍ଥନ ଦେଉଛି ତାହା ବଡ଼ ପ୍ରସଙ୍ଗ ପାଲଟିଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ କୌଣସି ପଦକ୍ଷେପ ନନେବା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି। ପ୍ରତ୍ୟେକ ଦିନ ରାତିରେ ଖଣି ଚାଲୁଥିବା ବେଳେ ଖଣି ଖନନ ସମୟକୁ ପରିବର୍ତ୍ତନ କରାଯାଉଛି। କେଉଁ ଦିନ ରାତି ୧୨ଟାରୁ ଆରମ୍ଭ ହେଉଛି ତ ପୁଣି କେଉଁଦିନ ରାତି ୩ଟାରୁ ସକାଳ ୭ ଯାଏଁ ଖଣି ଖନନ ହେଉଛି। ସେହିଭଳି ଭାବେ ଅନେକ ସମୟରେ ସନ୍ଧ୍ୟା ସମୟରେ ପଥର କାଟି ରାତି ୧୧ଟା ସୁଦ୍ଧା ଖାଲି କରାଯାଉଛି। ଦୀର୍ଘବର୍ଷ ଧରି ଚାଲିଥିବା ବେଆଇନ ମାଙ୍କଡ଼ା ଖନନ ପାଇଁ ଉକ୍ତ ଅଞ୍ଚଳରେ ଶହ ଶହ ସଂଖ୍ୟାରେ ମୃତ ମାଙ୍କଡ଼ା ଖଣି ରହିଛି। ଏହି ମୃତ ମାଙ୍କଡ଼ା ଖଣି ଗୁଡ଼ିକର ଗଭୀରତା ୫୦ ରୁ ୧୦୦ ଫୁଟ। ବର୍ତ୍ତମାନ ସମୟରେ ୮୪ଟି ଖଣି ଜୀବନ ଅବସ୍ଥାରେ ଥିବା ବେଳେ ୧୫୦ରୁ ଅଧିକ ମୃତ ଖଣି ରହିଛି। ମୃତ ଖଣି ଗୁଡ଼ିକ ପୋତା ଯାଉନଥିବାରୁ ଏହା ଜଳାଶୟରେ ପରିଣତ ହୋଇରହିଛି। ନାଲିମାଟି ମାଫିଆ ମାନେ ଖଣି ଲୁଟ କରିବା ପରେ ତାହାକୁ ଏଭଳି ସ୍ଥିତିରେ ଛାଡ଼ି ଦେଉଛନ୍ତି। ଯାହା ଭବିଷ୍ୟତରେ ବିପଦ ସୃଷ୍ଟି କରିବା ନିଶ୍ଚିତ ବୋଲି ଆଲୋଚନା ହେଉଛି। ବିଗତ ଦିନରେ ଏହି ଜଳାଶୟରେ ଅନେକ ଜୀବନ ଯାଇ ସାରିଥିବା ବେଳେ ମରଣଯନ୍ତା ସୃଷ୍ଟି କେବେ ବନ୍ଦ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋମଣ୍ଡ ପଞ୍ଚାୟତ ପଥରା ଏବଂ ବାଦଭୂଇଁ ନିକଟସ୍ଥ ଅଞ୍ଚଳରେ ୨ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ଖଣି ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ସାଟେଲାଇଟ୍ ମ୍ୟାପରେ ସ୍ପଷ୍ଟ ଦେଖାଯାଇଛି। ଉକ୍ତ ଅଞ୍ଚଳରେ ଖଣି ପାଇଁ ବିରଟ ବିରାଟ ଜଳଶୟ ସୃଷ୍ଟି ହୋଇଥିବା ଦେଖାଯାଇଛି। ବିସ୍ତିର୍ଣ୍ଣ ଅଞ୍ଚଳକୁ ନାଲି ମାଟି ମାଫିଆ ମାନେ ଛାରଖାର କରି ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ମଧ୍ୟ ଚୁପ ବସିଛି। ବିଗତ ୩ ବର୍ଷ ଧରି ବ୍ୟାପକ ଭାବେ ଏଠାରେ ଖଣି ଖନନ କରାଯାଇ ଲୁଟ କରାଯାଉଥିଲେ ମଧ୍ୟ ସମସ୍ତେ ଆଖିବୁଜି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ବେଆଇନ ଖଣିକୁ ଓଡ଼ଗାଁ ଆଦର୍ଶ ଥାନାର କିଛି ଅଧିକାରୀ ଓ ତଳିଆ କର୍ମଚାରୀ ହାତଗୁଞ୍ଜା ନେଇ ସମର୍ଥନ ଦେଉଥିବା ସ୍ଥାନୀୟ ଅଞ୍ଚଳରୁ ସୂଚନା ମିଳିଛି। ଏହି ବେଆଇନ ମାଙ୍କଡ଼ା ଖଣି ଖନନ କାର୍ଯ୍ୟରେ ୮ ଜଣ ମାଫିଆ ସକ୍ରିୟ ରହିଥିବା ଜଣାପଡ଼ିଛି।

## ପାରାଦୀପ ଇଣ୍ଡୋର ଷ୍ଟାଡିୟମରେ କ୍ରୀଡା ଦିବସ ପାଳିତ



ପାରାଦୀପ, (ମହାଭାରତ) : ଅଗଷ୍ଟ ୨୯ ତାରିଖ ଜାତୀୟ କ୍ରୀଡା ଦିବସ ଅବସରରେ ପାରାଦୀପ ସ୍ଥିତ ବିଜୁ ପଟନାୟକ ମଲ୍ଟି ପରପୋଜ ଇଣ୍ଡୋର ଷ୍ଟାଡିୟମ ପରିସରରେ ଶୁକ୍ରବାର ଦିନ ଏହି କ୍ରୀଡା ଦିବସ ପାଳିତ ହୋଇଯାଇଛି । ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷିକା ସ୍ୱାଗତିକା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଭଲିବଲ ପ୍ରଶିକ୍ଷକ ସଞ୍ଜୟ ଦାସ,ଗୋପବନ୍ଧୁ କ୍ରୀଡା ସଂସଦର ସମ୍ପାଦକ ଧ୍ରୁନ ଚନ୍ଦ୍ର ତରାଇ, ବିଜେପି ନେତ୍ରୀ ମିନାକ୍ଷୀ ବେହେରା, ସାମ୍ବାଦିକ ସୁଧାଂଶୁ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହକି ଖେଳର ମହାନାୟକ ମେଜର ଧ୍ୟାନଚାନ୍ଦଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରି କ୍ରୀଡା ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ଶେଷରେ ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷିକା ସ୍ୱାଗତିକା ମହାପାତ୍ର ଉପସ୍ଥିତ ଯୁବ କ୍ରୀଡ଼ାବିତ ମାନଙ୍କୁ ବିଭିନ୍ନ କ୍ରୀଡା ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ ।

## ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ କେନ୍ଦୁଝର ଗସ୍ତ




କେନ୍ଦୁଝର,(ମହାଭାରତ) : ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି କେନ୍ଦୁଝର ଗସ୍ତରେ ଆସି ମଣ୍ଡୁଆ ଓ ବଣିଆପାଟରେ ଥିବା ସଖି ଶକ୍ତି ସଦନ ଗସ୍ତ କରି ଅନ୍ତେବାସିନୀ ମାନଙ୍କ ସହ ଭାବ ବିନିମୟ କରିଛନ୍ତି ଓ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପରିଦର୍ଶନ କରି ଉପଲବ୍ଧ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଥିଲେ। ଜିଲ୍ଲା ମଣ୍ଡଳ କାରାଗାର ଗସ୍ତ କରି ମହିଳା କଏଦୀ ମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ଓ ସେମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେନେଇ ଆଲୋକପାତ କରିଥିଲେ। ସଦର ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କ ପରିଦର୍ଶନରେ ଯାଇ ମହିଳା ଓ ଶିଶୁ ମାନଙ୍କ ଲାଗି ଉଦ୍ଦିଷ୍ଟ ଆଇନଗତ ପ୍ରକ୍ରିୟାର ତଦାରଖ କରିଥିଲେ। ଶ୍ରୀମତୀ ମହାନ୍ତିଙ୍କ ଏହି ଗସ୍ତ ଅବସରରେ ସମାଜ ମଙ୍ଗଳ ଅଧିକାରୀ ଭାରତୀ ସାହୁ,ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ ଏବଂ ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା ସାମିଲ ହୋଇଥିଲେ।

## ନବରଙ୍ଗପୁର ଜିଲ୍ଲା ଓ.ୟୁ. ଡବ୍ଲୁ. ଜେ. ସାମ୍ବାଦିକ ସଂଘ ତରଫରୁ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ ସହ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ



ନବରଙ୍ଗପୁର, (ମହାଭାରତ) : ଓଡିଶା କର୍ମଜୀବି ସାମ୍ବାଦିକ ସଙ୍ଘ ନବରଙ୍ଗପୁର ପକ୍ଷରୁ ଆଜି ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଉକ୍ତ ସ୍ମାରକ ପତ୍ରରେ ସାମ୍ବାଦିକ ମାନଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା କୁ ଦ୍ୱିଗୁଣିତ କରିବା, ସାମ୍ବାଦିକ ମାନଙ୍କ ପରିବାରରେ ଥିବା ୨୫ବର୍ଷ ରୁ ଉର୍ଦ୍ଧ ଅବିବାହିତ ପୁତ୍ର କନ୍ୟା ଓ ବୃଦ୍ଧ ପିତାମାତା ମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରିବା, ସାମ୍ବାଦିକ ମାନଙ୍କୁ ଉଭୟ ଆୟୁଷ୍ମାନ ଯୋଜନା ଓ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରିବା, ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ସାମ୍ବାଦିକ ମାନଙ୍କ ପାଇଁ ପେନସନ ଲାଗୁ କରିବା ଭଳି ଦାବୀ ଗୁଡିକ ଉଲ୍ଲେଖ ରହିଛି ।ଆଜି ନବରଙ୍ଗପୁର ଶାଖା ଓଡିଶା କର୍ମଜୀବି ସାମ୍ବାଦିକ ସଙ୍ଘର ବରିଷ୍ଠ କର୍ମକର୍ତ୍ତା ମାନେ ସ୍ଥାନୀୟ ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏହି ସ୍ମାରକ ପତ୍ରଟି ପ୍ରଦାନ କରିଛନ୍ତି ।ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ଓଡିଶା କର୍ମଜୀବି ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ଶେଖର ଖୁରା, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ସାହୁ,ଜିଲ୍ଲା ଉପ ସଭାପତି ହିମାଂଶୁ ଶେଖର ବାଘ,ଜିଲ୍ଲା କୋଷାଧକ୍ଷ ରଞ୍ଜିତ ନାୟକ, ଶ୍ରୀଧର ସାମନ୍ତରାୟ, ସଂଜୀବ ଖୁରା, ସୁନ୍ଦରମୋହନ ଶିଷକ ଭୀମ ମିର୍ଗାନ, ଘାସିରାମ ହରିଜନ, ସରୋଜ ମହାକୁଡ଼ ପ୍ରମୁଖ ଉପସ୍ଥିତି ରହି ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ରଟି ପ୍ରଦାନ କରିବା ସହ ନବରଙ୍ଗପୁର ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣେଇଥିଲେ ।

## ଗରିବଙ୍କ ଭତ୍ତା ଟଙ୍କା ଲୁଟ: ଭିଜିଲାନ୍ସ ଜାଲରେ ପିଇଓ

ଦାନଗଦି, (ମହାଭାରତ) : ୭୩୫୦୦୦ ସରକାରୀ ଟଙ୍କା ହଡ଼ପ ଅଭିଯୋଗରେ ସୁକିନ୍ଦା ବ୍ଲକର ପୂର୍ବତନ ଚରଙ୍ଗ ସନ୍ତୋଷ କୁମାର ଜେନା ଦାନଗଦି ବ୍ଲକୁ କଟକ ଭିଜିଲାନ୍ସ ଦ୍ୱାରା ଗିରଫ। କେଶ ନମ୍ବର ୨୬/୨୫ରେ ଏକ ମାମଲା ରୁଜୁ, କୋର୍ଟ ଚାଲାଣ । ସୂଚନା ଅନୁଯାୟୀ ଗତ କିଛିଦିନ ତଳେ ପୂର୍ବତନ ପିଇଓ ସନ୍ତୋଷ ସୁକିନ୍ଦା ବ୍ଲକର ପିମ୍ପୁଡିଆ ପଂଚାୟତରେ କାର୍ଯ୍ୟ କରୁଥିଲେ । ଏହି ସମୟରେ ସାଧାରଣ ଲୋକଙ୍କ ଭତ୍ତା ଟଙ୍କା ବାବଦରେ ୭୩୫୦୦୦ ହଜାର ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେଇଥିଲା । ଏହି ଅଭିଯୋଗ ପରେ ସନ୍ତୋଷକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟରୁ ନିଲମ୍ବିତ କରାଯିବା ସହିତ ଭିଜିଲାନ୍ସ ନିକଟରେ ଏତଲା ଦିଆଯାଇଥିଲା । ଏହି ଅଭିଯୋଗକୁ ଆଧାର କରି ଆଜି କଟକ ଭିଜିଲାନ୍ସ ଦାନଗଦି ବ୍ଲକରୁ ସନ୍ତୋଷକୁ ଗିରଫ କଟକ କାର୍ଯ୍ୟାଳୟକୁ ନେଇ ଥିଲେ । ସେଠାରେ ତଦନ୍ତ ପରେ ଆଜି କୋର୍ଟ ଚାଲାଣ କରିଥିବା କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ଖିରେଇଟାଙ୍ଗିରୀ ଆଦର୍ଶ ପଞ୍ଚାୟତ ପ୍ରସ୍ତୁତିରେ ଏଫ୍‌ଇଏସ୍‌ର ସହାୟତା




ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରୀ ପଞ୍ଚାୟତକୁ ସାଂସଦ ଆଦର୍ଶ ପଞ୍ଚାୟତ ଭାବେ ତିଆରି କରିବାକୁ ହାତକୁ ନେଇ ଥିବା ବେଳେ କେନ୍ଦୁଝର ଜିଲ୍ଲାର ଏକ ସ୍ୱେଚ୍ଛାସେବୀ ସଂଗଠନ ଫାଉଣ୍ଡେସନ ଫର ଇକୋଲଜିକାଲ ସିକ୍ୟୁରିଟି ତରଫରୁ ସହାୟତା ନାହିଁ ମମନ୍ତେ ଯୋଜନା ପ୍ରସ୍ତୁତି କରାଯାଇଛି । ଏହି ଅବସରେ ଖିରେଇଟାଙ୍ଗିରୀ ସରପଞ୍ଚ ସଞ୍ଜୁଲତା ନାଏକଙ୍କ ଅଧ୍ୟକ୍ଷତା ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ରେ କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାଏକ ଖିରେଇଟାଙ୍ଗିରୀ ପଞ୍ଚାୟତ କାର୍ଯ୍ୟାଳୟ ରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଖିରେଇଟାଙ୍ଗିରୀ ପଞ୍ଚାୟତ ଅଧିକାରୀ ଅକ୍ଷୟ କୁମାର ସାହୁ, କୋଷାଧକ୍ଷ ପୁରୋଷୋତ୍ତମ ମହାନ୍ତ ତଥା ପାଟଣା ବ୍ଲକ ବିଭିନ୍ନ ବିଭାଗୀୟ ଅଧିକାରୀ ବୁଦ୍ଧିଜିବୀ ଓ ଅଞ୍ଚଳବାସୀ ଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା । ଏହି ବୈଠକରେ ମୁଖ୍ୟ ପ୍ରସଙ୍ଗ ଖିରେଇଟାଙ୍ଗିରୀ ପଞ୍ଚାୟତକୁ ସାଂସଦ ଆଦର୍ଶ ପଞ୍ଚାୟତ ଭାବେ ତିଆରି କରିବାକୁ ସ୍ଥିର କରାଯାଇଥିଲା । ଏହି ଖିରେଇଟାଙ୍ଗିରୀ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ପ୍ରସ୍ତୁତି କରିବାକୁ ପଞ୍ଚାୟତର ବିଭିନ୍ନ ଗ୍ରାମକୁ କ୍ଷେତ୍ର ପରିଦର୍ଶନ କରି ଲୋକଙ୍କ ମୌଳିକ, ଆବଶ୍ୟକତା, ଯୋଜନା ଗୁଡିକ ପ୍ରସ୍ତୁତି କରି କେନ୍ଦୁଝର ଜିଲ୍ଲାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଥିବା ସ୍ୱେଚ୍ଛାସେବୀ ସଂଗଠନ ଫାଉଣ୍ଡେସନ ଫର ଇକୋଲଜିକାଲ ସିକ୍ୟୁରିଟିର ବ୍ଲକ ସଂଯୋଜକ ସ୍ୱାସ୍ତିକ ତ୍ରିପାଠୀ,ବିଶ୍ୱ ବିଜୟନୀ ମହାନ୍ତି, ଭବାନୀ ଶଙ୍କର ପରିଡା, ତାଲିମ ଦାତା ବେବୀରାଣି ମହାପାତ୍ର, ଭଗବତୀ ମହାନ୍ତ, ବିଜୟ କୁମାର କାରୁଆଙ୍କ ସଂପୂର୍ଣ୍ଣ ସହଯୋଗ ରେ ସାଗି ଆପ୍ ରେ ଏଣ୍ଟ୍ରି କରିବା ସହ ସ୍ୱେଚ୍ଛା ସେବୀ ସଂଗଠନ ତରଫ ରୁ ଖିରେଇଟାଙ୍ଗିରୀ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତର ଏକ ଯୋଜନା ପ୍ରସ୍ତୁତି ପୁସ୍ତକ ସରପଞ୍ଚ ସଞ୍ଜୁଲତା ନାଏକଙ୍କୁ ପ୍ରଦାନ କରାଯାଇଛି।

## ସେପ୍ଟେମ୍ବର ମାସ ପାଇଁ କେନ୍ଦୁଝର ଜିଲ୍ଲାରେ ମିଳିତ ସାଧାରଣ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ପ୍ରକାଶିତ

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ସେପଟେମ୍ବର ମାସ ପାଇଁ ମିଳିତ ସାଧାରଣ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୂଚୀ ପ୍ରକାଶ କରାଯାଇଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଶୁଣାଣିଗୁଡ଼ିକ ନିମ୍ନଲିଖିତ ତାରିଖ ଏବଂ ସ୍ଥାନରେ ସକାଳ ୧୦:୦୦ ରୁ ଅପରାହ୍ନ ୧:୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୦୧ ସେପଟେମ୍ବର ୨୦୨୫ (ସୋମବାର) – ଦରବାର ହଲ, କଲେକ୍ଟରେଟ୍, କେନ୍ଦୁଝର ୦୮ ସେପଟେମ୍ବର ୨୦୨୫ (ସୋମବାର) – ବ୍ଲକ ଅଫିସ, ଘଟଗାଁ ୧୫ ସେପଟେମ୍ବର ୨୦୨୫ (ସୋମବାର) – ବ୍ଲକ ଅଫିସ, ଯୋଡ଼ା ୨୨ ସେପଟେମ୍ବର ୨୦୨୫ (ସୋମବାର) – ବ୍ଲକ ଅଫିସ, ହାଟଡ଼ିହି ଶୁଣାଣିର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଇଉଙ)ଙ୍କୁ ପାନୀୟ ଜଳ ପାଇଁ ସୁବିଧା ସହିତ ପର୍ଯ୍ୟାପ୍ତ ଆସନ ବ୍ୟବସ୍ଥା, ଅସୁସ୍ଥ ଏବଂ ଭିନ୍ନକ୍ଷମ ଅଂଶଗ୍ରହଣକାରୀଙ୍କ ବିଶେଷ ଯତ୍ନ ନେବାକୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସ୍ଲରୀ ପାଇପ ଲାଇନ୍ ଖୋଳାବେଳେ ଶ୍ରମିକ ମୃତ୍ୟୁ ଘଟଣା, କ୍ଷତିପୂରଣ ଦାବିରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା




ଯୋଡ଼ା, (ମହାଭାରତ): କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ହେଣା ବେଡ଼ା ଠାରେ ଆର୍ସେଲର ମିତ୍ତଲ ନିପୋନ ଷ୍ଟିଲ ଇଣ୍ଡିଆ ଲିମିଟେଡ ର ସ୍ଲରୀ ପାଇପ ଲାଇନ୍ ଖୋଳା ଯିବା ସମୟରେ ଶ୍ରମିକଙ୍କ ମୃତ୍ୟୁ । ତେବେ କମ୍ପାନୀ ମେସିନ୍ ଲଗାଇ ଶ୍ରମିକ ପୋତି ହୋଇ ଯାଇଥିବା ଶ୍ରମିକକୁ କମ୍ପାନୀ ମେସିନ୍ ଲଗାଇ ଖୋଳି ବାହାରକୁ ବାହାର କରିଥିଲା । ଏବଂ ଘଟଣାସ୍ଥଳ ରେ ବାମେବାରି ପୋଲିସ୍ ପହଞ୍ଚି ଶବକୁ ଯୋଡ଼ା ଟାଟା ଷ୍ଟିଲ୍ ଡାକ୍ତରଖାନାକୁ ନେଇ ସବଗୃହରେ ରଖିଥିଲେ । ତେବେ ଘଟଣା କୁ ନେଇ ଶନିବାର ସନ୍ଧ୍ୟା ସମୟରେ ଦବୁନା ଠାରେ ଥିବା କମ୍ପାନୀ ର କାରଖାନା ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଛି । ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଶବ ବ୍ୟବଚ୍ଛେଦ ପରେ ମୃତ ଦେହ କୁ ରଖି ଏହି ଦାବି କରିଛନ୍ତି ।ଏଠାରେ ପ୍ରକାଶ ଯୋଗ୍ୟ ଯେ, ଉକ୍ତ କମ୍ପାନୀର ସ୍ଲରୀ ପାଇପ ଲାଇନ୍ ଖୋଳା ବେଳେ ଗୁରୁବାର ପୂର୍ବାହ୍ନରେ ପଶ୍ଚିମ ବଙ୍ଗ ରାଜ୍ୟର ମେଦୀନପୁର ଅଞ୍ଚଳ ର କାର୍ତ୍ତିକ ସାମନ୍ତ(୪୫) ନାମକ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ତେବେ କମ୍ପାନୀ ଏହି ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ଜାଣି ପାରି ଥିଲେ । ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଉକ୍ତ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦାବି କରିଥିଲେ । ଶନିବାର ପୂର୍ବାହ୍ନରେ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା । ଶନିବାର ସନ୍ଧ୍ୟା ସମୟରେ ବ୍ୟବଚ୍ଛେଦ ପରେ ମୃତ ଦେହ କୁ କମ୍ପାନୀ ଫାଟକ ସମ୍ମୁଖରେ ରଖି ପରିବାର ଲୋକେ ଓ ସ୍ଥାନୀୟ ଲୋକେ ପରିବାରର ଜଣେ ସଦସ୍ୟଙ୍କୁ କମ୍ପାନୀରେ ଚାକିରି ପ୍ରଦାନ ସହିତ ଆର୍ଥିକ କ୍ଷତିପୂରଣ ଦାବି କରିଥିଲେ । ଏନେଇ ବାମେବାରି ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୨୮ ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିବା ସହିତ ଏହା ମିତ୍ତଲ କମ୍ପାନୀର ପାଇପ ଲାଇନ୍ ଖୋଳା ବେଳେ ଏହି ଘଟଣା ଘଟିଥିବା ପୋଲିସ ପ୍ରକାଶ କରିଥିଲା । ଏନେଇ କମ୍ପାନୀ କର୍ପୋରେଟ ଅଧିକାରୀ ସୌମିତ୍ର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସ୍ଲରୀ ପାଇପ ଲାଇନ୍ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ନିଷ୍ପତି ନେବ ବୋଲି କହିଥିଲେ ।

## ଶିକ୍ଷା ବିଭାଗ କରୁଚି କି ପାତର ଅନ୍ତର ?




ବସ୍ତା, (ମହାଭାରତ) : ସାମ୍ନାକୁ ଆସିଲା ଶିକ୍ଷା ବିଭାଗର ଦୋ ମୁହାଁ ନୀତି। କାହା ପାଇଁ ୬୦ ବର୍ଷରେ ଅବସର, ତ ଆଉ କାହାକୁ ଅନୁକମ୍ପା ଦେଖାଇ ଯୋଜନା କରି ଚାକିରିରେ ରଖିବାକୁ କରା ଯାଉଛି ସଡ଼ଯନ୍ତ୍ର। ତେବେ ଶିକ୍ଷା ବିଭାଗର ଏ କି ପ୍ରକାର ନିୟମ, କାହା ସ୍ୱାର୍ଥରେ କରାଯାଉଛି ପାତର ଅନ୍ତର ? ନ୍ୟାୟ ପାଇଁ ଶିକ୍ଷା ବିଭାଗ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲାପାଳ, ଶିକ୍ଷା ସଚିବ, ଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଲେ ବି ମିଳୁନି ନ୍ୟାୟ। କାହା ସ୍ୱାର୍ଥ ରେ ନୀତି ନିୟମକୁ ଦଳି ମକଚି ଚୁଲିକୁ ଫିଙ୍ଗୁଚି ଶିକ୍ଷା ବିଭାଗ ? ତେବେ କଣ ଏମିତି କରି ଲୋକ ପ୍ରିୟ ମୋହନ ସରକାରଙ୍କୁ ବଦନାମ କରିବାକୁ ଶିକ୍ଷା ବିଭାଗ କରୁଛି କି ଷଡ଼ଯନ୍ତ୍ର ? ଅଭିଯୋଗ ମୁତାବକ ବାଲେଶ୍ୱର ଜିଲ୍ଲା, ବାଲିଆପାଳ ବ୍ଲକ ଅସ୍ତୀ ଗ୍ରାମର ସୁବର୍ଣ୍ଣରେଖା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜକୁ ଦୀର୍ଘ ବର୍ଷ ଧରି ଅମ୍ବିକା ଗିରି ଏବଂ ଭାରତୀ ଗିରି ଉକ୍ତ ବିଦ୍ୟାଳୟରେ ପାଚିକା ଭାବରେ କାର୍ଯ୍ୟ କରି ଆସୁଛନ୍ତି। ଏବେ ଉଭୟଙ୍କ ବୟସ ୬୦ ପୁରି ୬୧ ବର୍ଷ ହେବାକୁ ଥିବା ବେଳେ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅରବିନ୍ଦ ସାମଲ ପାଚିକା ଅମ୍ବିକା ଗିରିଙ୍କ ବୟସ ୬୦ ପୁରି ଯାଇଥିବାରୁ ଅବସର ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ଭାରତୀ ଗିରିଙ୍କ ବୟସ ମଧ୍ୟ ୬୧ ବର୍ଷ ହୋଇଥିଲେ ବି ଅନୁକମ୍ପା ଦେଖାଇ, ଭୋଟର ପରିଚୟ ପତ୍ର ଏବଂ ଆଧାର କାର୍ଡରେ ଚଞ୍ଚକତା କରି ୬୧ କୁ ୪୯ ବର୍ଷ କରି ପ୍ରଧାନ ଶିକ୍ଷକ ତାଙ୍କୁ ପାଚିକା କାର୍ଯ୍ୟରେ ରଖିବାକୁ ଯୋଜନା ଚଳାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ଅମ୍ବିକା । ପ୍ରମାଣ ସ୍ୱରୂପ ଗତ ବିଧାନସଭା ନିର୍ବାଚନ ଭୋଟର ଲିଷ୍ଟ ରେ ୬୧ ବର୍ଷ ଦର୍ଶାଇ ଥିବାବେଳେ, ଅନଲାଇନ ମାଧ୍ୟମରେ ୬୧ ପରିବର୍ତ୍ତେ ୪୯ ବର୍ଷ କରିବାକୁ ସଂଶୋଧନ ପାଂଇ ଆବେଦନ କରିଥିବା ତଥ୍ୟ ଓ ପ୍ରମାଣ ଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଦାୟିତ୍ୱରେ ଥିବା ବିଏଲଓ କିମ୍ବା ନିର୍ବାଚନ ଅଧିକାରୀ କେମିତି ୧୨ ବର୍ଷ କମେଇ ଭୋଟର ପରିଚୟ ପତ୍ର ଆବେଦନ ପତ୍ର ଗ୍ରହଣ କରି ନୂତନ ଭୋଟର ପରିଚୟ ପତ୍ର ପ୍ରଦାନ କରିଛନ୍ତି । ତାହାକୁ ନେଇ ଉଠାଇଛନ୍ତି ପ୍ରଶ୍ନ। ସେହିପରି ନିଯୁକ୍ତି ବେଳେ ଆଧାର କାର୍ଡ ପ୍ରଚଳନ କିମ୍ବା ଲାଗୁ ହୋଇ ନଥିଲା ବେଳେ ଅମ୍ବିକା ଦେଇଥିବା କୌଣସି ନଥିପତ୍ର ବିଦ୍ୟାଳୟରେ କିମ୍ବା ଶିକ୍ଷା ବିଭାଗ ନିକଟ ରେ ନଥିବା ତଥ୍ୟ ଆର.ଟି.ଆଇ ରେ ସୂଚନା ହସ୍ତ ଗତ ହୋଇଛି। ତେବେ କିପରି, କେଉଁ ଆଧାରରେ, କାହା ଇଙ୍ଗିତରେ କି ସ୍ୱାର୍ଥ ସାଧନ ପାଇଁ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସାମଲ ଭାରତୀଙ୍କୁ ଅବସର ନଦେଇ କାର୍ଯ୍ୟରେ ରଖିବାକୁ ମସୁଧା ଚଳାଇଚନ୍ତି । ଯାହା ତାଙ୍କର ଓ ଶିକ୍ଷାବିଭାଗର ଦକ୍ଷତା ଓ ସ୍ୱଚ୍ଛତା କୁ ନେଇ ପ୍ରଶ୍ନ ସୃଷ୍ଟି କରୁଚି। ନ୍ୟାୟ ପାଇଁ ବିଭାଗୀୟ ଅଧିକାରୀ, ଜିଲ୍ଲାପାଳ, ଶିକ୍ଷା ସଚିବ, ଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଅଭିଯୋଗ କାରୀ ଅମ୍ବିକା ଓ ତାଙ୍କ ପରିବାର । ତେବେ ଏନେଇ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସାମଲ କ୍ୟାମେରା ସାମ୍ନାରେ କୌଣସି ପ୍ରତିକ୍ରିୟା ଦେବାକୁ ଅମଙ୍ଗ ହୋଇଥିବା ବେଳେ, ବାଲିଆପାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନମିତା ପ୍ରଭା ସାମଲ କହିଚନ୍ତି କି, ଗୋଷ୍ଠୀ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଘଟଣା ବାବଦରେ ଅବଗତ ଅଛନ୍ତି। ତେଣୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଭାରତ-ଚାଇନା ମିଶି ନେଲେ ବଡ଼ ନିଷ୍ପତ୍ତି: ଟ୍ରମ୍ପଙ୍କୁ ଲାଗିଲା ବଡ଼ ଝଟ୍‌କା



ୱାଶିଂଟନ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତି କେବଳ ସାରା ବିଶ୍ବରେ ବ୍ୟବସାୟକୁ ପ୍ରଭାବିତ କରିନାହିଁ, ବରଂ ଏସିଆର ଭିନ୍ନ ଭିନ୍ନ ମେରୁରେ ଠିଆ ହୋଇଥିବା ଦୁଇଟି ବଡ଼ ଦେଶ ଭାରତ ଏବଂ ଚାଇନା ମଧ୍ୟରେ ସମ୍ପର୍କକୁ ମଧ୍ୟ ଉନ୍ନତ କରିଛି। ଗଲୱାନ ବିବାଦ ପରେ ଖରାପ ହୋଇଥିବା ସମ୍ପର୍କରେ ଉନ୍ନତି ଆଣିବା ପାଇଁ ପ୍ରୟାସ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏଥିପାଇଁ, ସେ ଭାରତ-ଚାଇନା ସମ୍ପର୍କକୁ ଉନ୍ନତ କରିବା ପାଇଁ ଇଚ୍ଛା ପ୍ରକାଶ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଗୁପ୍ତ ଚିଠି ମଧ୍ୟ ପଠାଇଥିଲେ। ଜୁନ ୨୦୨୫ରୁ ଭାରତ ଏବଂ ଚାଇନା ମଧ୍ୟରେ ବ୍ୟାକ୍ ?ଚ୍ୟାନେଲ ଯୋଗାଯୋଗ ଆରମ୍ଭ ହୋଇଥିଲା। ଏଥିରେ, ଉଭୟ ଦେଶ ଦୀର୍ଘକାଳୀନ ପ୍ରସଙ୍ଗ, ବିଶେଷକରି ଗଲୱାନ ଉପତ୍ୟକା ବିବାଦ ସହିତ ଜଡିତ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଅଗଷ୍ଟରେ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ ଯୀଙ୍କ ଭାରତ ଗସ୍ତ ସମୟରେ, ଉଭୟ ଦେଶ ସୀମା ବିବାଦ ସମାଧାନ ଏବଂ ବାଣିଜ୍ୟ ସହଯୋଗ ବୃଦ୍ଧି କରିବାକୁ ରାଜି ହୋଇଥିଲେ। ଭାରତର ଚିନ୍ତା ଉପରେ ଚାଇନା ପ୍ରତିଶ୍ରୁତି ଦେଇଛି, ବିଶେଷକରି ସାର, ବିରଳ ଧାତୁ ଏବଂ ଟନେଲିଂ ମେଶିନ ଆମଦାନୀ ସମ୍ପର୍କରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସି ଜିନପିଙ୍ଗ ଅଗଷ୍ଟ ୩୧ରେ ସାଂଘାଇ ସହଯୋଗ ସଂଗଠନ (ଝଉଙ) ବୈଠକ ସମୟରେ ସାକ୍ଷାତ କରିବେ। ସାତ ବର୍ଷ ପରେ ଏହା ମୋଦିଙ୍କ ଚାଇନା ଗସ୍ତ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଶେଷ ଥର ପାଇଁ ୨୦୧୯ରେ ଚାଇନା ଗସ୍ତ କରିଥିଲେ। ଦୁଇ ନେତାଙ୍କ ମଧ୍ୟରେ ସୀମା ବିବାଦ ହ୍ରାସ କରିବା ପାଇଁ ଠୋସ ପଦକ୍ଷେପ, ବାଣିଜ୍ୟ ସହଭାଗୀତା ଏବଂ ନିବେଶ ବୃଦ୍ଧି, ଆଞ୍ଚଳିକ ସ୍ଥିରତା ଏବଂ ଶାନ୍ତି ସୁନିଶ୍ଚିତ କରିବା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବାର ଆଶା କରାଯାଉଛି। ଆମେରିକା ଭାରତ ଉପରେ ଅତିରିକ୍ତ ୨୫% ଟାରିଫ୍ ଲାଗୁ କରିଛି, ଯାହା ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉତ୍ତେଜନା ବୃଦ୍ଧି କରିଛି। ଅନେକ ଆମେରିକୀୟ ବିଶ୍ଳେଷକ ଏବଂ ରିପବ୍ଲିକାନ ନେତା ମଧ୍ୟ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ଏପରି ପରିବେଶରେ, ଭାରତ ଏବଂ ଚାଇନା ମଧ୍ୟରେ ସହଭାଗୀତା ବୃଦ୍ଧି କରିବା ଉଭୟ ଦେଶର ଆର୍ଥିକ ସ୍ୱାର୍ଥ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଭାରତ ଏବଂ ଚାଇନା ମିଳିତ ଭାବରେ ଟାରିଫ୍ ? ପ୍ରତିବନ୍ଧକକୁ ହ୍ରାସ କରିପାରିବେ। ଦୁଇ ଦେଶର ଏକାଠି ଆସିବା ଏସିଆରେ ସ୍ଥିରତା, ନିବେଶ ଏବଂ ବିକାଶକୁ ପ୍ରୋତ୍ସାହିତ କରିବ। ଏହା ବ୍ୟତୀତ, ଆମେରିକା ଉପରେ ନିର୍ଭରଶୀଳତା ହ୍ରାସ ପାଇବ ଏବଂ ଭାରତ ଏବଂ ଚାଇନା ସେମାନଙ୍କର ସାଧାରଣ ସ୍ୱାର୍ଥ ଉପରେ କାମ କରିପାରିବେ।

## ଚନ୍ଦ୍ରାୟନ ୫: ଏକାଠି କାମ କରିବେ ଭାରତ ଓ ଜାପାନର ସ୍ପେସ ଏଜେନ୍ସି



ନୂଆଦିଲ୍ଲୀ : ଚନ୍ଦ୍ରାୟନ ୫ କୁ ନେଇ ଖୁସି ଖବର । ଚନ୍ଦ୍ରାୟନ ୫ କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଡ ଘୋଷଣା । ଭାରତ ଓ ଜାପାନର ସ୍ପେସ ଏଜେନ୍ସି ଉଭୟ ଚନ୍ଦ୍ରାୟନ ୫ ଦିଗରେ କାମ କରିବେ । ଚନ୍ଦ୍ରାୟନ ୫ ମିଶନ ପାଇଁ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ ଇସ୍ରୋ ଓ ଜାପାନ ୟେରୋସ୍ପେଶ ଏକ୍ସପ୍ଲୋରେସନ ଏଜେନ୍ସି ଊଇଢଇ ମଧ୍ୟରେ ଆଲୋଚନା ହୋଇଥିବା କହିଛନ୍ତି ପ୍ରଧାନମନ୍ତ୍ରୀ । ଟୋକିଓରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇସିବାଙ୍କ ସହ କଥା ହେବା ପରେ ଏନେଇ ଘୋଷଣା କରିଛନ୍ତି । ଇସିବାଙ୍କ ସହ ଆଲୋଚନା ଗଠନମୂଳକ ଓ ଉଦ୍ଦେଶ୍ୟ ପୂର୍ଣ୍ଣ ରହିଥିବା କହିଥିଲେ ମୋଦୀ । ଚନ୍ଦ୍ରାୟନ ମିଶନ ୩ ର ସଫଳତା ପରେ ଚନ୍ଦ୍ରାୟନ ୫ ରେ ଭାରତ ଜାପାନ ସହ ମିଶି କାମ କରିବା ଦ୍ୱାରା ଅତ୍ୟାଧୁନିକ ଟେକନିକ ଓ ଅନୁସନ୍ଧାନ ମୂଳକ କାରକ ଉପରେ ଅଧିକ ଗୁରୁତ୍ୱ ଦେବାର ଲାଭ ଉଠାଇ ପାରିବ ।

ଏହି ମିଶନରେ ଏକ ଭାରତ ନିର୍ମିତ ଲ୍ୟାଣ୍ଡର ଓ ଜାପାନ ନିର୍ମିତ ରୋବର ବ୍ୟବହୃତ ହେବ । ଏହି ରୋବର ଚନ୍ଦ୍ରପୃଷ୍ଠରେ ସବୁଠୁ ଭାରି ରୋବର ହେବ । ଯାହା ଜାପାନରୁ ଚନ୍ଦ୍ରପୃଷ୍ଠକୁ ଉତ୍କ୍ଷେପଣ କରାଯିବ । ଚନ୍ଦ୍ରାୟନ ୪ ପରେ ଚନ୍ଦ୍ରାୟନ ୫ କୁ ଲଞ୍ଚ କରାଯିବ । ଏହି ମିଶନ ଦ୍ୱାରା ଚନ୍ଦ୍ରରୁ ମାଟିର ନମୂନା ଆଣିବା ନେଇ ଲକ୍ଷ୍ୟ ରଖାଯାଇଛି ।

## ବାର୍ଡ ଫ୍ଲୁ ସଂକ୍ରମଣ ପାଇଁ ବନ୍ଦ ହେଲା ଦିଲ୍ଲୀ ଚିଡ଼ିଆଖାନା



ନୂଆଦିଲ୍ଲୀ : ବାର୍ଡ ଫ୍ଲୁ ସଂକ୍ରମଣ ପାଇଁ ବନ୍ଦ ହେଲା ଦିଲ୍ଲୀ ଚିଡ଼ିଆଖାନା । ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ବନ୍ଦ ରହିବ ଚିଡ଼ିଆଖାନା । ଦିଲ୍ଲୀ ନ୍ୟାସନାଲ ଜୁଲୋଜିକାଲ୍ ପାର୍କରେ ଐ୫ଘ୧ ସଂକ୍ରମଣ ଚିହ୍ନଟ ହେବା ପରେ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ଚିଡ଼ିଆଖାନାକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି ଅଥରିଟି । ଦିଲ୍ଲୀ ଚିଡିଆଖାନାରେ ଏଚ୫ଏନ୧ ଫ୍ଲୁ ବ୍ୟାପିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଶନିବାର ଠାରୁ ଚିଡିଆଖାନାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି । ଦିଲ୍ଲୀରେ ୩ ଥର ପାଇଁ ଏହା ବ୍ୟାପିବାରେ ଲାଗିଛି । ପୂର୍ବରୁ ମଧ୍ୟ ଅକ୍ଟୋବର ୨୦୧୬ରେ ଚିଡିଆଖାନାକୁ ବନ୍ଦ କରାଯାଇଥିଲା । ନୂଆଦିଲ୍ଲୀ ମଥୁରା ରୋଡ ସ୍ଥିତ ଉଦ୍ୟାନକୁ ଅଗଷ୍ଟ ୩୦ରୁ ଆଗାମୀ ଆଦେଶ ଯାଏଁ ଅସ୍ଥାୟୀ ଭାବେ ବନ୍ଦ ରଖାଗଲା । ଦୁଇଟି ପକ୍ଷୀଙ୍କ ଦେହରୁ ଐ୫ଘ୧ ପଜିଟିଭ୍ ଚିହ୍ନଟ ପରେ ନିଷ୍ପତ୍ତି ନିଆଯାଇଛି ।

ଚଳିତ ବର୍ଷ ଦିଲ୍ଲୀ ଚିଡ଼ିଆଖାନାରେ ଗୋଟିଏ ପକ୍ଷୀର ମୃତ୍ୟୁ ପରେ ଏହାକୁ ପରୀକ୍ଷା ପାଇଁ ଭୋପାଳ ପଠାଯାଇଥିଲା । ଯେଉଁଠାରେ ପକ୍ଷୀଟି ସଂକ୍ରମିତ ହୋଇଥିବା ଜଣାପଡିଥିଲା । ଏହି ଭୂତାଣୁ ୨୧ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ ଏବଂ ଅନ୍ୟ ପ୍ରାଣୀମାନଙ୍କୁ ସଂକ୍ରମିତ କରିପାରେ । ତେଣୁ ଅତି କମରେ ୨୧ ଦିନର କ୍ୱାରେଣ୍ଟାଇନ୍ ଆବଶ୍ୟକ । ଏହା ପରେ ଚିଡ଼ିଆଖାନା ଉପରେ ପ୍ରଶାସନ ନଜର ରଖିଛି । ବର୍ତ୍ତମାନ ଚିଡ଼ିଆଖାନାରେ ପ୍ରାୟ ୧,୩୫୦ ପକ୍ଷୀଙ୍କ ଉପରେ ନଜର ରଖାଯାଇଛି।

## 'ହ୍ୟୁମାନ୍ ଜିପିଏସ୍' ବୋଲାଉଥିବା କୁଖ୍ୟାତ୍ ଆତଙ୍କୀ ନିହତ



ନୂଆଦିଲ୍ଲୀ: ଆତଙ୍କବାଦୀଙ୍କ ନେଟୱର୍କକୁ ବଡ଼ ଝଟକା । ଜମ୍ମୁ କାଶ୍ମୀରର ଗୁରେଜ୍ ସେକ୍ଟରରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି । ଏନକାଉଣ୍ଟରରେ କୁଖ୍ୟାତ ଆତଙ୍କୀ ତଥା 'ହ୍ୟୁମାନ୍ ଜିପିଏସ୍' କୁହାଯାଉଥିବା ବାଗୁ ଖାନ ଓରଫ ସମନ୍ଦର ଚାଚା ନିହତ ହୋଇଥିବା ସୂଚନା ମିଳିଛି । ବାଗୁ ଖାନ ଓରଫ ସମନ୍ଦର ଚାଚା ୧୯୯୫ ମସିହାରୁ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ରହୁଥିଲା । ସୁରକ୍ଷା ଏଜେନ୍ସି ଅନୁଯାୟୀ, ସେ ଗତ ତିନି ଦଶନ୍ଧି ମଧ୍ୟରେ ଗୁରେଜ୍ ସେକ୍ଟର ଏବଂ ଆଖପାଖ ଅଞ୍ଚଳରୁ ୧୦୦ରୁ ଅଧିକ ଅନୁପ୍ରବେଶ ପ୍ରୟାସରେ ସାମିଲ ଥିଲା । ପାହାଡ଼ ଏବଂ ଗୁପ୍ତ ପଥ ବିଷୟରେ ତାର ଗଭୀର ଜ୍ଞାନ ପାଇଁ ସେଠାରେ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ଶକ୍ତିଶାଳୀ କରିଥିଲା । ହିଜବୁଲ କମାଣ୍ଡର ଭାବେ ସମନ୍ଦର ଚାଚା ପ୍ରତ୍ୟେକ ଆତଙ୍କବାଦୀ ସଂଗଠନକୁ ଅନୁପ୍ରବେଶ ଯୋଜନା ଏବଂ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିଥିଲେ । ଏହି କାରଣରୁ ଆତଙ୍କବାଦୀମାନେ ତାଙ୍କୁ 'ହ୍ୟୁମାନ ଏଚଝ' ବୋଲି ଡାକୁଥିଲେ । ତାକୁ ଧରିବା ପାଇଁ ୪ ମାସ ଧରି ଜାଲ ବିଛାଇଥିଲା ସେନା । ୨୮ ଅଗଷ୍ଟ ରାତିରେ, ଯେତେବେଳେ ସେ ନୌଶେରା ନର ଅଞ୍ଚଳରୁ ପୁଣି ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିଲା, ସୁରକ୍ଷା ବାହିନୀ ତାଙ୍କୁ ଘେରି ଯାଇଥିଲେ । ଏନକାଉଣ୍ଟରରେ ସମନ୍ଦର ଚାଚା ଏବଂ ତାଙ୍କ ସହିତ ଥିବା ଅନ୍ୟ ଜଣେ ଆତଙ୍କବାଦୀ ନିହତ ହୋଇଛି ।

## ଜମ୍ମୁ-କାଶ୍ମୀରରେ ବାଦଲ ଫଟା ବର୍ଷା : ୭ ମୃତ



ଜମ୍ମୁ-କାଶ୍ମୀର : ଜମ୍ମୁ-କାଶ୍ମୀରର ରାମବନ ଜିଲ୍ଲାରେ ରାଜଗଡ ତହସିଲରେ ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା । ଏଥିରେ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ନିଖୋଜ ରହିଛନ୍ତି । ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଟିମକୁ ନିୟୋଜିତ କରିବା ସହିତ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବଢ଼ିପାରେ ମୃତକଙ୍କ ସଂଖ୍ୟା । ସୂଚନାନୁଯାୟୀ, ବାଦଲ ଫଟା ବର୍ଷା ଯୋଗୁଁ ୭ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିବାବଳେ ନିଖୋଜ ଲୋକଙ୍କ ସନ୍ଧାନ ଜାରି ରହିଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ପ୍ରଭାବିତ ଲୋକଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଉଛି । ଏଥି ସହିତ ଘଟଣା ପରେ ଘଟଣାସ୍ଥଳରେ ରାମବନର ଡେପୁଟି କମିଶନର ଇଲିଆସ୍ ଖାନଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଥିଲେ । ପ୍ରାୟ ରାତି ୨ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ଏହା ବ୍ୟତୀତ ଏନେଇ ସତର୍କ ରହିଛି ପ୍ରଶାସନ । ଅନ୍ୟପଟେ ଜମ୍ମୁ ଏବଂ କାଶ୍ମୀରରେ ବାଦଲ ଫଟା ବର୍ଷା ବ୍ୟାପକ କ୍ଷୟକ୍ଷତି ଘଟାଇଛି । କିନ୍ତୁ କିସ୍ତୱାର ଜିଲ୍ଲାରେ ଚୋସିଟି ଗାଁରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ଯାହା ଅଗଷ୍ଟ ୧୫ ତାରିଖ ଦିନ ଦେଖିବାକୁ ମିଳିଥିଲା । ଯେଉଁଥିରେ ପାକାପାଖି ୬୦ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା । ସେହି ମୃତକଙ୍କ ମଧ୍ୟରେ ଦୁଇ ଜଣ ଉଓଝର ଯବାନଙ୍କ ସମେତ ଅନେକ ତୀର୍ଥଯାତ୍ରୀ ସାମିଲ ରହିଥିଲେ । ଏହା ଛଡ଼ା ଏଥିରେ ପ୍ରାୟ ୫୦ ରୁ ୨୨୦ ଲୋକ ନିଖୋଜ ରହିଥିଲେ । ଏତିକି ନୁହେଁ ବରଂ ଏଥିରେ ୧୦୦ ଲୋକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଥିଲା ।

## ଶ୍ରୀନଗରରେ ଜରୁରୀ ଅବତରଣ କଲା ସ୍ପାଇସଜେଟ୍ ବିମାନ




ଶ୍ରୀନଗର : ପୁଣି ମଝି ଆକାଶରେ ବିମାନରେ ଯାନ୍ତ୍ରିକ ତ୍ରୁଟି । ମଝି ଆକାଶରେ ଯାତ୍ରୀ ହନ୍ତସନ୍ତ । ଦିଲ୍ଲୀରୁ ଶ୍ରୀନଗର ଅଭିମୁଖେ ଯାଉଥିବା ସ୍ପାଇସଜେଟ୍ ଫ୍ଲାଇଟ୍ ଝଏ ୩୮୫ ଶ୍ରୀନଗର ବିମାନବନ୍ଦରରେ ଜରୁରୀ ଅବତରଣ କରିଛି । ଏହି ଫ୍ଲାଇଟ୍ରେ ୨୦୫ ଜଣ ଯାତ୍ରୀ ରହିତିଲେ, ଯେଉଁଥିରେ ୪ ଜଣ ଶିଶୁ ଏବଂ ୭ ଜଣ କ୍ରୁ ସଦସ୍ୟ ମଧ୍ୟ ଥିଲେ । ଖବର ମୁତାବକ, ଦିଲ୍ଲୀରୁ ଶ୍ରୀନଗର ଅଭିମୁଖେ ଯାଉଥିବା ସ୍ପାଇସଜେଟ୍ ଫ୍ଲାଇଟ୍ ଝଏ ୩୮୫ ଶ୍ରୀନଗରରେ ଅବତରଣ ସମୟରେ ବିମାନଟି ହଠାତ୍ ତୀବ୍ର ଗତିରେ ତଳକୁ ଖସିବାରେ ଲାଗିଥିଲା । ଯାହା କେବିନ୍ ଆଲ୍ଟିଚ୍ୟୁଡ୍ ଚେତାବନୀ (ଉବଭସଭ ଇକ୍ଷତ୍ପସତ୍ପଙ୍କୟର ଡବକ୍ସଭସଭଶ) ସିଷ୍ଟମକୁ ସକ୍ରିୟ କରିଥିଲା । କ୍ରୁ ସଦସ୍ୟମାନେ ମାନକ ପ୍ରୋଟୋକଲ୍ ଅନୁସାରେ ସମସ୍ତ ଆବଶ୍ୟକୀୟ ପରୀକ୍ଷା ନୀରିକ୍ଷା କରିଥିଲେ କରିବା ପରେ କ୍ୟାପଟେନ୍ ସତର୍କତା ମୂଳକ ପଦକ୍ଷେପ ଭାବେ ଜରୁରୀ ଅବତରଣ ପାଇଁ ଅନୁରୋଧ କରିଥିଲେ । ବିମାନଟି ଶ୍ରୀନଗର ବିମାନବନ୍ଦରରେ ସନ୍ଧ୍ୟା ୩ଟା ୨୭ ମିନିଟରେ ନିରାପଦରେ ଅବତରଣ କରିଥିଲା, ଏବଂ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଭାବେ ବିମାନରୁ ଓହ୍ଲାଇଥିଲେ। ଅଧିକାରୀମାନେ ଜଣାଇଛନ୍ତି ଯେ, କୌଣସି ଯାତ୍ରୀ କିମ୍ବା କ୍ରୁ ସଦସ୍ୟଙ୍କୁ ଚିକିତ୍ସା ସହାୟତାର ଆବଶ୍ୟକତା ପଡ଼ି ନଥିଲା । ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିଭିଲ୍ ଏଭିଏସନ୍ (ଡଏଡଇ) କୁ ମଧ୍ୟ ଏହି ଘଟଣା ସମ୍ପର୍କରେ ସୂଚନା ଦିଆଯାଇଛି, ଏବଂ ବିମାନକୁ ଯାଞ୍ଚ ପାଇଁ ରଖିଦିଆଯାଇଛି । ତେବେ ଘଟଣାରେ କୌଣସି ଯାତ୍ରୀଙ୍କୁ କିଛି ବି କ୍ଷତି ହୋଇନାହିଁ । ସମସ୍ତେ ସୁରକ୍ଷିତ ରହିଛନ୍ତି । ତେବେ ଗତ କିଛିଦିନ ହେଲାଣି ବିମାନରେ ଅନେକ ଯାନ୍ତ୍ରିକ ତ୍ରୁଟି ଏବଂ ସମସ୍ୟା ଦେଖାଦେଉଛି । ପ୍ରତିଦିନ କିଛି ନା କିଛି ବିମାନରେ ଏଭଳି ତ୍ରୁଟି ଯୋଗୁଁ ଯାତ୍ରୀ ସମସ୍ୟାରେ ପଡୁଛନ୍ତି ।

## ଜାପାନର ନିର୍ମାତାମାନଙ୍କୁ 'ମେକ୍ ଇନ୍ ଇଣ୍ଡିଆ' ପାଇଁ ଆମନ୍ତ୍ରଣ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନିଆ ଜାପାନ ଗସ୍ତରେ ଅଛନ୍ତି । ଜାପାନର ଟୋକିଓରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରାଯାଇଥିଲା । ପ୍ରଧାନମନ୍ତ୍ରୀ ମୋଦି ଜାପାନ ଗସ୍ତର ପ୍ରଥମ ଦିନରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହିତ ଭାରତ-ଜାପାନ ଅର୍ଥନୈତିକ ଫୋରମରେ ଅଂଶଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ନିମନ୍ତ୍ରଣରେ ୧୫ ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଜାପାନ ପହଞ୍ଚିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଗତ ୧୧ ବର୍ଷ ମଧ୍ୟରେ ଭାରତରେ ଅନେକ ପରିବର୍ତ୍ତନ ଆସିଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ଭାରତରେ ନିବେଶ କରିବାର ଏହା ସର୍ବୋତ୍ତମ ସମୟ । ସେ କହିଥିଲେ ଯେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଆମେ ପରମାଣୁ ଶକ୍ତି କ୍ଷେତ୍ରକୁ ଖୋଲି ଦେଉଛୁ । ସେ କହିଥିଲେ ଯେ ଭାରତ ଏବଂ ଜାପାନ ପ୍ରତ୍ୟେକ କ୍ଷେତ୍ରରେ ଭଲ ଅଂଶୀଦାର । ଆଜିର ନୂତନ ଭାରତ ଏକ ପ୍ରକାର ପ୍ରତିଭାର ଏକ ଶକ୍ତିଶାଳୀ କେନ୍ଦ୍ର ପାଲଟିଛି । ଭାରତ ଜାପାନ ଅର୍ଥନୈତିକ ଫୋରମରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ମୋଦୀ ଜାପାନୀ ନିର୍ମାତାମାନଙ୍କୁ ମେକ୍ ଇନ୍ ଇଣ୍ଡିଆ ପାଇଁ ଆମନ୍ତ୍ରଣ କରିଥିଲେ । ଫୋରମରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଆପଣମାନେ ଭାରତ ଆସନ୍ତୁ, ଆମେ ଭାରତରେ ଉତ୍ପାଦ ତିଆରି କରିବୁ ଏବଂ ବିଶ୍ୱ ପାଇଁ ସେଗୁଡ଼ିକୁ ତିଆରି କରିବୁ। ଟୋକିଓରେ ଭାରତ-ଜାପାନ ଅର୍ଥନୈତିକ ଫୋରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଭାରତର ବିକାଶ ଯାତ୍ରାରେ ଜାପାନ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହୋଇଆସିଛି। ମେଟ୍ରୋ ରେଳ ଠାରୁ ଉତ୍ପାଦନ, ସେମିକଣ୍ଡକ୍ଟର ଠାରୁ ଷ୍ଟାର୍ଟଅପ୍ ପର୍ଯ୍ୟନ୍ତ, ଜାପାନୀ କମ୍ପାନୀଗୁଡ଼ିକ ଭାରତରେ ୪୦ ବିଲିୟନ ଡଲାରରୁ ଅଧିକ ନିବେଶ କରିଛନ୍ତି । ସେ କହିଛନ୍ତି ଯେ ଭାରତରେ ପୁଞ୍ଜି କେବଳ ବୃଦ୍ଧି ପାଏ ନାହିଁ, ବରଂ ବହୁ ଗୁଣ ବୃଦ୍ଧି ପାଏ । ଆଜି ଭାରତରେ ରାଜନୈତିକ ସ୍ଥିରତା, ଆର୍ଥିକ ସ୍ଥିରତା, ନୀତିରେ ସ୍ୱଚ୍ଛତା ଏବଂ ପୂର୍ବାନୁମାନ କ୍ଷମତା ରହିଛି । ଆଜି ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି । ବହୁତ ଶୀଘ୍ର ଏହା ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି । ସେ ଆହୁରି ମଧ୍ୟ କହିଥିଲେ ଯେ ଭାରତରେ ଏହି ପରିବର୍ତ୍ତନ ପଛରେ ଆମର ସଂସ୍କାର, କାର୍ଯ୍ୟଦକ୍ଷତା ଏବଂ ପରିବର୍ତ୍ତନର ଆଭିମୁଖ୍ୟ ରହିଛି ।

## ରାହୁଲଙ୍କ ଉପସ୍ଥିତିରେ ନିଜକୁ 'ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ' ଘୋଷଣା କଲେ ତେଜସ୍ୱୀ

ବିହାର : କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ରବିବାର ନାଟକୀୟ ଭାବେ 'ଭୋଟର ଅଧିକାର ଯାତ୍ରା'କୁ ବନ୍ଦ କରି ଦେଇଥିବା ବେଳେ ଆରଜେଡି ନେତା ତେଜସ୍ୱୀ ଯାଦବ ଏକତରଫା ଭାବେ ନିଜକୁ ବିହାର ବିଧାନସଭା ନିର୍ବାଚନ ପାଇଁ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଛନ୍ତି। ରାହୁଲ ଓ ସମାଜବାଦୀ ପାର୍ଟି ନେତା ଅଖିଲେଶ ଯାଦବଙ୍କ ଉପସ୍ଥିତିରେ ତେଜସ୍ୱୀ ଯାଦବ ଏହି ଘୋଷଣା କରିଛନ୍ତି। ଆରାରେ ଏକ ରାଲିକୁ ସମ୍ବୋଧିତ କରିବା ଅବସରରେ ତେଜସ୍ୱୀ ଯାଦବ ଏହି ଘୋଷଣା କରିବା ସହିତ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେ ନୀତୀଶଙ୍କୁ 'କପିକ୍ୟାଟ୍ ମୁଖ୍ୟମନ୍ତ୍ରୀ' କହିଥିଲେ। ନୀତୀଶ କେବଳ ତାଙ୍କ ନୀତିଗୁଡ଼ିକୁ ନକଲ କରି ଘୋଷଣା କରୁଛନ୍ତି ବୋଲି କହିଥିଲେ ତେଜସ୍ୱୀ। ଉପସ୍ଥିତ ଲୋକଙ୍କ ଉଦ୍ଦେଶ୍ୟରେ ସେ କହିଥିଲ, ତେଜସ୍ୱୀ ଆଗେଇ ଚାଲିଛି। ସରକାର ତାଙ୍କୁ ଅନୁସରଣ କରୁଛନ୍ତି। ଆପଣମାନେ କେଉଁଭଳି ମୁଖ୍ୟମନ୍ତ୍ରୀ ଚାହାନ୍ତି, ଅସଲି ମୁଖ୍ୟମନ୍ତ୍ରୀ ନା ନକଲି ମୁଖ୍ୟମନ୍ତ୍ରୀ। ଆଉ ଟିକେ ଆଗକୁ ଯାଇ ତେଜସ୍ୱୀ କହିଥିଲେ ଯେ ସେ ହେଉଛନ୍ତି ମହାମେଣ୍ଟର ଅସଲି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ। ସେ ଏହା କହୁଥିବା ବେଳେ ରାହୁଲ ଗାନ୍ଧୀ ତାଙ୍କୁ ଚାହିଁ ବସିଥିଲେ। ତେଜସ୍ୱୀ ଆହୁରି କହିଥିଲେ ଯେ କଂଗ୍ରେସ ଏକ ଜାତୀୟ ଦଳ ହୋଇପାରେ, କିନ୍ତୁ ବିହାରରେ ଆରଜେଡି ହେଉଛି ବଡ଼ ଭାଇ।

## ଟ୍ରମ୍ପଙ୍କୁ ବଡ଼ ଝଟକା, ଅତିରିକ୍ତ ଟାରିଫଙ୍କୁ ବେଆଇନ ଘୋଷଣା କଲେ ଆମେରିକା ଅପିଲ୍ସ କୋର୍ଟ



ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟକା ଲାଗିଛି। ଆମେରିକା ସଂଘୀୟ ଅପିଲ ଅଦାଲତ ଟ୍ରମ୍ପଙ୍କ ଦ୍ୱାରା ଲାଗୁ ହୋଇଥିବା ଅତିରିକ୍ତ ଟାରିଫକୁ ଅବୈଧ କରିଛନ୍ତି। ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଅତିରିକ୍ତ ଶୁଳ୍କକୁ ବେଆଇନ ବୋଲି ଶୁକ୍ରବାର ଦିନ ଆମେରିକା ଫେଡେରାଲ ଆପିଲ କୋର୍ଟ ଟ୍ରମ୍ପଙ୍କୁ ରାୟ ଦେଇଛନ୍ତି । ଆମେରିକାର କୋର୍ଟଙ୍କ ଏହି ନିଷ୍ପତ୍ତିକୁ ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଉପରେ ସିଧାସଳଖ ଆକ୍ରମଣ ବୋଲି ବିବେଚନା କରାଯାଉଛି । ବର୍ତ୍ତମାନ ଏହି ମାମଲା ସୁପ୍ରିମକୋର୍ଟକୁ ଯାଇପାରେ । ସୂଚନାନୁଯାୟୀ, ରାଷ୍ଟ୍ରପତିଙ୍କୁ ସମସ୍ତ ଜରୁରୀ ପରିସ୍ଥିତି ପାଇଁ ପଦକ୍ଷେପ ନେବାର କ୍ଷମତା ଦେଇଛି ଆଇନ । କିନ୍ତୁ ଟାରିଫ ଲଗାଇବାର କ୍ଷମତା ଦିଆଯାଇନାହିଁ । ଏହା ସହିତ ଟ୍ରମ୍ପ ଇଣ୍ଟରନ୍ୟାସନାଲ ଏମରଜେନ୍ସି ପାୱାର୍ସ ଆକ୍ଟର କ୍ଷମତାର ଅପବ୍ୟବହାର କରୁଛନ୍ତି ବୋଲି ମଧ୍ୟ କୋର୍ଟ କହିଛନ୍ତି । ୱାଶିଂଟନ ଡିସିର ଫେଡେରାଲ ସର୍କିଟ କୋର୍ଟ ଅଫ ଅପିଲ୍ସର ନିଷ୍ପତ୍ତି ୨ଟି ପର୍ଯ୍ୟାୟରେ ଟାରିଫ ଲାଗୁ କରାଯାଇପାରିବ । ଗୋଟିଏ ଏପ୍ରିଲରେ ଲାଗୁ କରାଯାଇଥିବାବେଳେ ଦ୍ୱିତୀୟଟି ଫେବୃଆରୀରେ ଚୀନ୍, କାନାଡା ଏବଂ ମେକ୍ସିକୋ ଉପରେ ଲାଗୁ ହୋଇଥିବା ଶୁଳ୍କ । ଏହା ସହିତ କୋର୍ଟ ଟ୍ରମ୍ପ ପ୍ରଶାସନକୁ ଆମେରିକାର ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିବାର ସୁଯୋଗ ଦେବା ପାଇଁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ଶୁଳ୍କ ସ୍ଥଗିତ ରଖିବାକୁ ଅନୁମତି ଦେଇଛନ୍ତି । ଏହି ନିଷ୍ପତ୍ତି ପରେ ଫେଡେରାଲ ରିଜର୍ଭର ସ୍ୱାଧୀନତାକୁ ନେଇ ସୁପ୍ରିମକୋର୍ଟରେ ଆଇନଗତ ଲଢ଼େଇ ମଧ୍ୟ ଆରମ୍ଭ ହେବାକୁ ଯାଉଛି । ଟ୍ରମ୍ପଙ୍କ ଟାରିଫ ଆର୍ଥିକ ସ୍ଥିତି ଉପରେ ଆଇନଗତ ମୁକାବିଲା ସୃଷ୍ଟି କରିଛି । ଅନ୍ୟପଟେ କୋର୍ଟର ଏହି ନିଷ୍ପତ୍ତି ଉପରେ ଟ୍ରମ୍ପ ଦୁଃଖ ପ୍ରକାଶ କରିଛନ୍ତି । କୋର୍ଟର ଏହା ପକ୍ଷପାତିତା ବୋଲି ମଧ୍ୟ ସେ କହିଛନ୍ତି। ଏଥି ସହ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ଯଦି ଶୁଳ୍କ ହଟାଯାଏ ତେବେ ଦେଶ ପାଇଁ ବିନାଶକାରୀ ହେବ। ପୂର୍ବାନୁମାନ କରି ଆହୁରି ମଧ୍ୟ ସେ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ଦ୍ୱାରା ଶୁଳ୍କ ଦେଶ ପାଇଁ ଲାଭଦାୟକ ହେବ ବୋଲି ଆଶା କରୁଛନ୍ତି ।

